Bhubaneswar- 21 June 2026
ଭୁବନେଶ୍ୱର- ୨୧ ଜୁନ୍ ୨୦୨୬
Vol- 1 Issue - 55
ଭାଗ- ୧ ସଂଖ୍ୟା- ୫୫
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
## THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
«ଯୋଗାଯୋଗ»
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୭୯୨୭୦୧୦୦୭

## ଗିରଫ ହେଲେ ଯନ୍ତ୍ରୀ ସତ୍ୟନାରାୟଣ ସେଠୀ



**କୋରାପୁଟ:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟନାରାୟଣ ସେଠୀଙ୍କୁ ଓଡ଼ିଶା ଭିଜିଲାନ୍ସ ଶନିବାର ଗିରଫ କରିଛି। ସେଠୀଙ୍କ ବିଭିନ୍ନ ବାସଭବନ ଓ କାର୍ଯ୍ୟାଳୟ ଉପରେ ଚାଲିଥିବା ଘନ ଘନ ଚଢ଼ାଉ ବେଳେ ଆଖି ଖୋସି ହୋଇଯିବା ଭଳି ବିପୁଳ ପରିମାଣର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ତଦନ୍ତ ସମୟରେ ଯନ୍ତ୍ରୀଙ୍କର ମୋଟ ୪୯ଟି ପ୍ଲଟ୍ ଠାବ କରାଯାଇଛି, ଯେଉଁଥିରୁ ୧୭ଟି ବେନାମୀ ପ୍ଲଟ୍ ବୋଲି ଜଣାପଡ଼ିଛି। ଏହାଛଡ଼ା ୨ଟି ସୁଦୃଶ୍ୟ ଫ୍ଲାଟ୍ (ଗୋଟିଏ ବେନାମୀ) ମଧ୍ୟ ଜବତ ହୋଇଛି। କୋରାପୁଟ ଅଞ୍ଚଳରେ ପ୍ରାୟ ୧୪ ଏକର ଜମି ଉପରେ ଗଢ଼ିଉଠିଥିବା ୩ଟି ବିଶାଳ ଫାର୍ମ ହାଉସର ସନ୍ଧାନ ପାଇଛି ଭିଜିଲାନ୍ସ। ଚଢ଼ାଉ ବେଳେ ପ୍ରାୟ ୯୪୦ ଗ୍ରାମ ସୁନା ଏବଂ ଅଢ଼େଇ କେଜି (୨.୫ କିଲୋଗ୍ରାମ) ରୁପା ଅଳଙ୍କାର ଜବତ କରାଯାଇଛି। ଯନ୍ତ୍ରୀଙ୍କ ଘରୁ ନଗଦ ୫ ଲକ୍ଷ ୪୮ ହଜାର ଟଙ୍କା ମିଳିଥିବା ବେଳେ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ୬୦ ଲକ୍ଷ ୯୨ ହଜାର ଟଙ୍କାର ଜମା ରାଶି ଥିବା ସୂଚନା ମିଳିଛି। ଏହାସହ ଗୋଟିଏ ବେନାମୀ ଚାରିଚକିଆ ଗାଡ଼ିକୁ ମଧ୍ୟ ଭିଜିଲାନ୍ସ ନିଜ ହେପାଜତକୁ ନେଇଛି।

## ମହାବଳ ବାଘ ଛାଲ ଜବତ, ଜଣେ ଗିରଫ

**ନବରଙ୍ଗପୁର:** ୧୦ ଲକ୍ଷ ଟଙ୍କାରେ ବାଘ ଛାଲ ବିକ୍ରି ଉଦ୍ୟମ ବେଳେ ଚଢାଉ। ମହାବଳ ବାଘ ଛାଲ ଜବତ କରିଛି ବନବିଭାଗ। ନବରଙ୍ଗପୁର ଜିଲ୍ଲା ଡାବୁଗାଁ ରେଞ୍ଜ ଅନ୍ତର୍ଗତ ପାତ୍ରୀ ସଂରକ୍ଷିତ ଜଙ୍ଗଲରୁ ଏହି ବାଘ ଛାଲ ଜବତ କରିଛି ବନବିଭାଗ। ଏଥିରେ ଜଣଙ୍କୁ ବନବିଭାଗ ଗିରଫ କରିଥିବା ବେଳେ ଦୁଇ ଜଣ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତ ଜଣକ ହେଲେ ଡାବୁଗାଁ ଥାନା ଅନ୍ତର୍ଗତ ପାତ୍ରୀ ଗ୍ରାମର ଶିବୁନ ଟାକ୍ରୀ। ନବରଙ୍ଗପୁର ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ସୂଚନା ଅନୁସାରେ ଗତ କିଛି ଦିନ ଧରି ଜିଲ୍ଲାରେ ମହାବଳ ବାଘ ଛାଲ କାରବାର ଚାଲୁଥିବା ନେଇ ଗୁପ୍ତ ସୂଚନା ପାଇବା ପରେ ବନବିଭାଗ ସତର୍କ ହୋଇଥିଲେ। ବାଘ ଛାଲ ବିକ୍ରି ପାଇଁ ଯୋଜନା କରାଯାଉଥିବା ନବରଙ୍ଗପୁର ବନ ଖଣ୍ଡ ଅଧିକାରୀ ଉଦୟନ ସୁବୁଦ୍ଧି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସିଏଫ୍ ସୁବାଷ ଚନ୍ଦ୍ର ଖୁଣ୍ଟିଆ ଓ ଡାବୁଗାଁ ବନାଞ୍ଚଳ ଅଧିକାରୀ ରାମଚନ୍ଦ୍ର ଭତରାଙ୍କ ତତ୍ୱାବଧାନରେ ଏକ ଟିମ ଗଠନ କରିଥିଲେ। ଡାବୁଗାଁ ବନାଞ୍ଚଳ ଅନ୍ତର୍ଗତ ପାତ୍ରି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପଛରେ ଥିବା ପାତ୍ରି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଜଣେ ବ୍ୟକ୍ତି ଏକ ବ୍ୟାଗ ରେ ରୟାଲ ବେଙ୍ଗଲ (ମହାବଳ) ବାଘ ଛାଲ ଚୋରା ଚାଲାଣ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ବନ ବିଭାଗ କର୍ମଚାରୀ ମାନେ ଗ୍ରାହକ ସାଜି ବାଘ ଛାଲ କିଣିବା ବାହାନା ରେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲେ।

## ରାଇରଙ୍ଗପୁରରେ ସୃଷ୍ଟିହେଲା ନୂଆ ଇତିହାସ

# ଗୋଟିଏ ମଞ୍ଚରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

- ୪୭ହଜାର କୋଟିର ପ୍ରକଳ୍ପ ଭେଟି ଦେଲେ
- ପାହାଡ଼ପୁର ହେବ 'ସୋଲାର ଭିଲେଜ୍': ମୋଦି
- ପ୍ରତ୍ୟେକଙ୍କ ଜୀବନରେ ଅଛି 'ମୋଦି' : ମୁଖ୍ୟମନ୍ତ୍ରୀ





**ରାଇରଙ୍ଗପୁର:** ଓଡ଼ିଶା ଇତିହାସରେ ଆଜିର ଦିନ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ରାଇରଙ୍ଗପୁରଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମଦିନ ପାଳନ ସହ ବିଜେପି ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉତ୍ସବରେ ଗୋଟିଏ ମଞ୍ଚରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ରହି ରାଜ୍ୟବାସୀଙ୍କୁ ୪୭୬୦୦କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେଇଛନ୍ତି। ରାଷ୍ଟ୍ରପତିଙ୍କ ଜନ୍ମମାଟି 'ପାହାଡ଼ପୁର'କୁ ସମ୍ପୂର୍ଣ୍ଣ ଭାବେ ଏକ ଆଦର୍ଶ 'ସୋଲାର ଭିଲେଜ' ଭାବେ ବିକଶିତ କରାଯିବ ବୋଲି ପ୍ରଧାନମନ୍ତ୍ରୀ ମୋଦି ଘୋଷଣା କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ସରକାର ଦୁଇବର୍ଷ ପୂର୍ତ୍ତି ଅବସରରେ ରାଜ୍ୟକୁ ଦାଦନ ସମସ୍ୟାରୁ ସମ୍ପୂର୍ଣ୍ଣ ମୁକ୍ତି ପାଇଁ 'ରିଭର୍ସ ମାଇଗ୍ରେସନ'ର ସଂକଳ୍ପ ନେଇଛନ୍ତି। ଆଉ ପ୍ରତ୍ୟେକଙ୍କ ଜୀବନରେ ମୋଦିଙ୍କର କିଛି ନା କିଛି ଅଂଶ ରହିଛି ବୋଲି କହି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସଭାମଞ୍ଚରୁ ପ୍ରଶଂସା କରିବାକୁ ପଛାଇ ନଥିଲେ। ରାଜ୍ୟରେ ବିଜେପି ସରକାରର ଦୁଇବର୍ଷ ପୂର୍ତ୍ତି ଅବସରରେ ମୟୂରଭଞ୍ଜର ରାଇରଙ୍ଗପୁରଠାରେ ଆୟୋଜିତ 'ବିକାଶ ର ଧାରା, ଓଡ଼ିଶା ସାରା' ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ୬୮ତମ ଜନ୍ମଦିନ ଅବସରରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଗୋଟିଏ ମଞ୍ଚରେ ଉପସ୍ଥିତ ରହି ୪୫୫୮.୭୯ କୋଟି ଟଙ୍କାର ପ୍ରକଳ୍ପ ଉଦଘାଟନ ସହ ମୋଟ ୪୭୬୦୦କୋଟି ଟଙ୍କାର ପ୍ରକଳ୍ପ ରାଜ୍ୟବାସୀଙ୍କୁ ଭେଟି ଦେଇଛନ୍ତି। ଏହି ଗସ୍ତକାଳରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଉଭୟ ପାହାଡ଼ପୁର ଗାଁର ଆଦିବାସୀଙ୍କ ଧର୍ମପୀଠ ସାନ୍ତାଳୀ ଜାହେରା ଓ ହୋ ଜାହେରା ପୀଠରେ ପୂଜାର୍ଚ୍ଚନା କରିବା ସହ ଦକ୍ଷତା ବିକାଶ କେନ୍ଦ୍ର ଓ ପାହାଡ଼ପୁର ସ୍କୁଲ ବୁଲି ଦେଖିଥିଲେ ଏବଂ ପିଲାମାନଙ୍କ ସହ ମଧ୍ୟ ସମୟ ବିତାଇଥିଲେ। ଏହାପରେ ଏକ ବିଶାଳ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି ମୋଦୀ ଓଡ଼ିଶାର ଦୁଇ ବର୍ଷର ଶାସନର ପ୍ରଶଂସା କରିଥିଲେ। ପାହାଡ଼ପୁର ଗାଁ ସ୍କୁଲ ଗସ୍ତ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ସ୍କୁଲର କୌଣସି ପିଲା ଲାଗୁନଥିଲା କି ଦେଶର ରାଷ୍ଟ୍ରପତି ସେମାନଙ୍କ ପାଖକୁ ଆସିଛନ୍ତି, ବରଂ ସେମାନଙ୍କ ନିଜ ମା' ଯେମିତି ତାଙ୍କ ପାଖକୁ ଆସିଛନ୍ତି। ଆଜିର ଦିନକୁ ସେ ନିଜ ଜୀବନର ଏକ ଶିକ୍ଷାର ଦିବସ ବୋଲି ଅଭିହିତ କରିଛନ୍ତି। ରାଷ୍ଟ୍ରପତିଙ୍କ ଜନ୍ମଦିନରେ ତାଙ୍କ ଗାଁକୁ ଆସିବାର ସଂଯୋଗକୁ ସେ ସମ୍ପୂର୍ଣ୍ଣ ଈଶ୍ୱରଙ୍କ ଇଚ୍ଛା ବୋଲି କହିବା ସହ ନିଜେ ଅତୀତରେ ଜନଜାତି ଅଂଚଳରେ ଜଣେ ସ୍ୱେଚ୍ଛାସେବୀ ଭାବେ କାମ କରିଥିବା ଅନୁଭୂତିକୁ ମଧ୍ୟ ବାଣ୍ଟିଥିଲେ। ପ୍ରଧାନମନ୍ତ୍ରୀ ମୋଦି ଥିଲେ ଯେ, ଯେଉଁ ପୂର୍ବ ଭାରତକୁ କଂଗ୍ରେସ ଶାସନ ସମୟରେ ପଛୁଆ ବୋଲି କୁହାଯାଉଥିଲା, ଏବେ ତାହା କେନ୍ଦ୍ର ସରକାରଙ୍କ 'ପୂର୍ବୋଦୟ' ନୀତି ଯୋଗୁଁ ଦେଶର ପ୍ରଗତିର ପ୍ରବେଶ ଦ୍ୱାର ପାଲଟିଛି। ଓଡ଼ିଶାରେ ରେଳ, ସଡ଼କ ଓ ବନ୍ଦର ଭଳି ମୌଳିକ ଭିତ୍ତିଭୂମିରେ ରେକର୍ଡ ପରିମାଣର ନିବେଶ ହେଉଛି। ରାଷ୍ଟ୍ରପତିଙ୍କ ଗାଁ ପାହାଡ଼ପୁରକୁ ଖୁବଶୀଘ୍ର ସମ୍ପୂର୍ଣ୍ଣ 'ସୂର୍ଯ୍ୟଗ୍ରାମ' (ସୋଲାର ଭିଲେଜ) ଭାବେ ବିକଶିତ କରାଯିବ, ଯାହାଫଳରେ ସେଠାକାର ଲୋକଙ୍କୁ ମାଗଣା ବିଦ୍ୟୁତ ମିଳିବ ଓ ବଳକା ବିଦ୍ୟୁତ ବିକ୍ରି କରି ସେମାନେ ନିଜର ଆୟ ବଢ଼ାଇ ପାରିବେ। କୋଣାର୍କ ସୂର୍ଯ୍ୟ ମନ୍ଦିର ଭଳି ପାହାଡ଼ପୁର 'ସୂର୍ଯ୍ୟଗ୍ରାମ' ଓଡ଼ିଶାର ଏକ ନୂଆ ପରିଚୟ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଧାନ କିଣାରେ ଚାଷୀଙ୍କୁ ୩୧୦୦ ଟଙ୍କା ପ୍ରଦାନ, ସୁଭଦ୍ରା ଯୋଜନାରେ କୋଟିଏରୁ ଅଧିକ ମହିଳାଙ୍କୁ ସହାୟତା, ଆୟୁଷ୍ମାନ ଭାରତ ଯୋଜନା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରର ୪ଟି ଯାକ ଦ୍ୱାର ଭକ୍ତଙ୍କ ପାଇଁ ଖୋଲିବା ଡବଲ ଇଞ୍ଜିନ ସରକାରର ପ୍ରକୃତ ଶକ୍ତି ବୋଲି ସେ କହିଥିଲେ। ଜନଜାତିଙ୍କ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଜନମନ ଯୋଜନା ଓ ଧରିତ୍ରୀ ଅବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ସେମାନଙ୍କୁ ମୁଖ୍ୟଧାରାରେ ସାମିଲ କରୁଛି। ଏହାସହିତ ମୟୂରଭଞ୍ଜରେ ଆଉ ଏକ ନୂଆ ନବୋଦୟ ବିଦ୍ୟାଳୟ ଖୋଲିବା ପାଇଁ ସ୍ୱୀକୃତି ଦିଆଯାଇଛି ବୋଲି ମୋଦି କହିଛନ୍ତି। ସେହିପରି ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରିଥିଲେ। ସେ ନିଜର ଅଭିଭାଷଣରେ କହିଥିଲେ ଯେ, ଆଜି ଗୋଟିଏ ମଞ୍ଚରେ ସର୍ବୋଚ୍ଚ ନେତୃତ୍ୱଙ୍କ ଉପସ୍ଥିତି ଓଡ଼ିଶା ପାଇଁ ଏକ ଗୌରବମୟ ମୁହୂର୍ତ୍ତ। କେନ୍ଦ୍ରରେ ମୋଦି ସରକାର ସେବା, ସୁଶାସନ ଓ ଗୌରବର ୧୨ ବର୍ଷ ପୂରଣ କରିଛନ୍ତି। ବିଗତ ୧୨ ବର୍ଷ ଦେଶ ପାଇଁ ଏପରି ଏକ ସମୟ ଯାହାର ତୁଳନା ନାହିଁ। ୨୦୧୪ ପରେ, ଆପଣ ଯେଉଁ ସବୁ ଯୋଜନା ପ୍ରଣୟନ କରିଛନ୍ତି, ତାହା ବଳରେ ଦେଶର ପ୍ରତ୍ୟେକ ବର୍ଗଙ୍କ ପାଇଁ ଅଳ୍ପ କିଛି ନୁହେଁ, ବରଂ ବହୁତ କିଛି ଲାଭ ମିଳିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଶଂସା କରି ସେ କହିଛନ୍ତି ଯେ, 'ପ୍ରତ୍ୟେକଙ୍କ ଜୀବନରେ ମୋଦିଙ୍କର କିଛି ନା କିଛି ଅଂଶ ରହିଛି'। ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ଲୋକଙ୍କ କଲ୍ୟାଣ ପାଇଁ ଏଭଳି କାର୍ଯ୍ୟ କରିଛନ୍ତି ଯେପରି 'ଆସନ୍ତାକାଲି ବୋଲି କିଛି ନାହିଁ'। ଡବଲ ଇଞ୍ଜିନ ସରକାରଙ୍କ ଠାରୁ ଓଡ଼ିଶାକୁ ୯୦ ହଜାର କୋଟିର ରେଳ ପ୍ରକଳ୍ପ, ୪୦ ହଜାର କୋଟିର ସଡ଼କ ପ୍ରକଳ୍ପ, ୨୫ ହଜାର କୋଟିର ବନ୍ଦର ପ୍ରକଳ୍ପ ଓ ପାରାଦୀପରେ ୮୦ ହଜାର କୋଟିର ପେଟ୍ରୋ କେମିକାଲ ପ୍ରକଳ୍ପ ମିଳିଛି। ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ କେଜିରୁ ପିଜି ପର୍ଯ୍ୟନ୍ତ ଶିକ୍ଷାକୁ ସମ୍ପୂର୍ଣ୍ଣ ମାଗଣା କରିଛି ଓ ପଛୁଆ ବର୍ଗଙ୍କୁ ଶିକ୍ଷା ଓ ମେଡିକାଲରେ ସଂରକ୍ଷଣ ଦେଇଛି। ରାଜ୍ୟରେ ଉତ୍କର୍ଷ ଓଡ଼ିଶା ମାଧ୍ୟମରେ ଦ୍ୱିତୀୟ ଶିଳ୍ପ ବିପ୍ଳବ ଚରମ ସୀମାରେ ପହଂଚିଛି। ଆଗାମୀ ଦିନରେ ଓଡ଼ିଶାରୁ ମାଇଗ୍ରେସନ ନୁହେଁ, ବରଂ ଅନ୍ୟ ରାଜ୍ୟର ଲୋକେ ଏଠାକୁ ଚାକିରି ପାଇଁ ଆସିବେ ଅର୍ଥାତ୍ 'ରିଭର୍ସ ମାଇଗ୍ରେସନ' ହେବ ବୋଲି ମୁଖ୍ୟମନ୍ତ୍ରୀ ସଂକଳ୍ପ ବ୍ୟକ୍ତ କରିଛନ୍ତି। ଏହି ଅବସରରେ ଓଡ଼ିଶା ପାଇଁ ୪୭୬୦୦କୋଟି ଟଙ୍କାର ପ୍ରକଳ୍ପ ରାଜ୍ୟବାସୀଙ୍କୁ ଭେଟି ଦେଇଛନ୍ତି ପ୍ରଧାନମନ୍ତ୍ରୀ। ପ୍ରାୟ ୪୫୫୮.୭୯କୋଟି ଟଙ୍କାର ୬୧ଟି ପ୍ରକଳ୍ପର ଉଦଘାଟନ ଓ ୪୩୦୪୪.୩୬କୋଟି ଟଙ୍କାର ୧୧ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଛି ଯାହାକି ୨୦୩୬ସୁଦ୍ଧା ବିକଶିତ ଓଡ଼ିଶାର ଲକ୍ଷ୍ୟ ହାସଲ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଆଜିର ଏହି ସଭାମଂଚରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଓ ପ୍ରଭାତୀ ପରିଡ଼ାଙ୍କ ସମେତ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ବିଧାୟକ ଓ ସାଂସଦ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ନିଟ୍-ୟୁଜି ପୁନଃପରୀକ୍ଷା

- ୫ ହଜାର ସେଣ୍ଟର, ୨୩ ଲକ୍ଷ ଆଶାୟୀ
- ଗେଟ୍ ଦିନ ୧୧ଟାରେ ଖୋଲି ସାଢ଼େ ଗୋଟାଏରେ ବନ୍ଦ ହେବ

**ନୂଆଦିଲ୍ଲୀ:** ୫ ହଜାରରୁ ଅଧିକ ସେଣ୍ଟର, ୨୩ ଲକ୍ଷ ଆଶାୟୀ। ରାତି ପାହିଲେ ନିଟ୍-ୟୁଜି ରିଟେଷ୍ଟ। ପେପର୍ ଲିକ୍ ଯୋଗୁଁ ଗତ ମାସରେ ପରୀକ୍ଷା ବାତିଲ୍ ହେବାପରେ ଏଥର କଡ଼ାସୁରକ୍ଷା ସହିତ ତ୍ରୁଟିଶୂନ୍ୟ ଭାବେ ପରୀକ୍ଷା ପରିଚାଳନା ପ୍ରସ୍ତୁତିରେ ଲାଗିଛି ଏନଟିଏ। ମେ' ୩ ଏଣ୍ଟ୍ରାନ୍ସ ଟେଷ୍ଟରେ ପେପରେ ଲିକ୍ ଓ ପରୀକ୍ଷା ବାତିଲ୍ ପରେ ରବିବାରର ପୁନଃପରୀକ୍ଷା ପାଇଁ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା। କାଶ୍ମୀରଠୁ କନ୍ୟାକୁମାରୀ.. ଦେଶବ୍ୟାପି କରାଯାଇଛି ମକଡ୍ରିଲ୍।ଏନଟିଏ ପକ୍ଷରୁ କରାଯାଇଥିବା ଏହି ମକ୍ ଡ୍ରିଲରେ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ପ୍ରସ୍ତୁତି, ସୁରକ୍ଷା ବ୍ୟବସ୍ଥା ଏବଂ ବିଭିନ୍ନ ଏଜେନ୍ସି ମଧ୍ୟରେ ସମନ୍ୱୟକୁ କରାଯାଇଛି ଯାଞ୍ଚ। ଓଡ଼ିଶାର ୨୭ଟି ସହରର ୧୩୨ଟି ସେଣ୍ଟରରେ ପରୀକ୍ଷା ଦେବେ ପ୍ରାୟ ୫୭ ହଜାର ଛାତ୍ରଛାତ୍ରୀ। ସାରା ଦେଶରେ ୫୬୧ଟି ସହରରେ ହୋଇଛି ୫ ହଜାରରୁ ଅଧିକ ଏଗଜାମ୍ ସେଣ୍ଟର। ସେହିପରି ବିଦେଶରେ ରହିଛି ୧୫ଟି ସେଣ୍ଟର। ଯେଉଁଠି ପ୍ରାୟ ଦେଢ଼ମାସ ବ୍ୟବଧାନରେ ଡାକ୍ତର ହେବା ସ୍ୱପ୍ନ ନେଇ ପୁଣି ହଲରେ ବସିବେ ୨୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ। ପରୀକ୍ଷାକୁ ସ୍ୱଚ୍ଛ ଓ ସୁରକ୍ଷିତ କରିବା ଲାଗି ମୁତୟନ ହୋଇଛନ୍ତି ୨ ଲକ୍ଷରୁ ଅଧିକ କର୍ମଚାରୀ। ସେଣ୍ଟରଗୁଡ଼ିକୁ ସିସିଟିଭି ସର୍ଭେଲାନସରେ ରଖାଯିବା ସହ ସୋସିଆଲ ମିଡିଆ ମନିଟରିଂ ମଧ୍ୟ କରାଯାଉଛି। ସେନା ଏସକର୍ଟରେ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରଗୁଡ଼ିକରେ ପହଞ୍ଚିବ। ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ବାୟୁସେନା ହେଲିକପ୍ଟରର ମଧ୍ୟ ସହାୟତା ନିଆଯାଉଛି। ପ୍ରତି ସେଣ୍ଟରରୁ ୧୦୦ ମିଟର ଦୂରତା ମଧ୍ୟରେ ଜାରି ହୋଇଛି ବିଏନଏସଏସର ୧୬୩ ଧାରା। ସେଣ୍ଟର ଆଖପାଖରେ ଲାଉଡ୍ ସ୍ପିକର ବ୍ୟବହାର ଉପରେ କଟକଣା ସହିତ ମୋବାଇଲ୍ ଜାମର ଲଗାଯାଇଛି।




ପରୀକ୍ଷା କେନ୍ଦ୍ର ଗେଟ୍ ଦିନ ୧୧ଟାରେ ଖୋଲି ସାଢ଼େ ଗୋଟାଏରେ ବନ୍ଦ ହେବ। ଏହାପରେ କୌଣସି ପରୀକ୍ଷାର୍ଥୀଙ୍କୁ ଭିତରକୁ ଛଡ଼ାଯିବ ନାହିଁ। ସେହିପରି ପରୀକ୍ଷା ଅପରାହ୍ଣ ୨ଟାରୁ ଆରମ୍ଭ ହୋଇ ୫ଟା ୧୫ରେ ସରିବ। ପରୀକ୍ଷାର୍ଥୀଙ୍କ ସୁବିଧା ପାଇଁ ଓଏସଆରଟିସି ଏବଂକୁଟ ପକ୍ଷରୁ ରେଳ ଷ୍ଟେସନ, ବସ୍ ଷ୍ଟାଣ୍ଡ ଏବଂ ବିଭିନ୍ନ ପଏଣ୍ଟରୁ ପରୀକ୍ଷା କେନ୍ଦ୍ରକୁ ମାଗଣା ବସ୍ ସେବାର ବ୍ୟବସ୍ଥା କରାଯାଇଛି।

## ଖାତାକୁ ଗଲା ପିଏମ୍ କିଷାନର ୨୩ ତମ କିସ୍ତି

### ୩୪.୬୪ଲକ୍ଷ କୃଷକଙ୍କୁ ୬୯୨.୮୬ କୋଟିର ସହାୟତା

**ଭୁବନେଶ୍ୱର:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କରକମଳରେ ପଶ୍ଚିମବଙ୍ଗର ହୁଗୁଳି ସ୍ଥିତ ତାରକେଶ୍ୱର ଠାରେ ପିଏମ୍ କିଷାନ ଯୋଜନାର ୨୩ ତମ କିସ୍ତି ପ୍ରଦାନ କରାଯାଇଛି ଓ ସମଗ୍ର ଦେଶରେ ୯ କୋଟି ୪୪ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୧୮, ୮୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ଓଡ଼ିଶାର ୩୪.୬୪ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଆଜି ୬୯୨.୮୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି। ପିଏମ୍ କିଷାନ ଯୋଜନା ଦେଶର ଏକ ପ୍ରମୁଖ କୃଷକ କଲ୍ୟାଣକାରୀ ଯୋଜନା। କେନ୍ଦ୍ର ସରକାରଙ୍କ ଏହି ଯୋଜନା ଅନ୍ତର୍ଗତ ମିଳୁଥିବା ଆର୍ଥିକ ସହାୟତାକୁ ଚାଷୀମାନେ ବିହନ, ସାର, କୀଟନାଶକ ଓ ଚାଷପାଇଁ ଆବଶ୍ୟକ ଅନ୍ୟାନ୍ୟ ଜିନିଷ କିଣିବା ପାଇଁ ବ୍ୟବହାର କରିପାରିବେ। ଏଥିରେ ସମସ୍ତ ଯୋଗ୍ୟ କୃଷକମାନଙ୍କୁ ସମାନ ତିନୋଟି କିସ୍ତିରେ ବର୍ଷକୁ ମୋଟ ୬,୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଅନ୍ନଦାତାଙ୍କ ସମ୍ମାନାର୍ଥେ ଏହି ଦିନକୁ ସାରା ଦେଶ ତଥା ରାଜ୍ୟରେ ଉତ୍ସର୍ଗୀକୃତ ଭାବେ 'ରାଷ୍ଟ୍ରୀୟ କୃଷକ ଉତ୍ସବ ଦିବସ' ରୂପେ ପାଳନ କରାଯାଉଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ପିଏମ୍ କିଷାନ ସହାୟତା ପ୍ରଦାନ ଉତ୍ସବ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ସ୍ଥିତ ମହତାବ ଭବନ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ଚାଷୀ ଭାଇଭଉଣୀଙ୍କୁ ସମ୍ବୋଧନ କରି କହିଥିଲେ ଯେ, ଓଡ଼ିଶା ଏପରି ଏକ ରାଜ୍ୟ ଯେଉଁଠି ରବି ଋତୁରେ ମଧ୍ୟ ଚାଷୀଙ୍କ ଠାରୁ ସରକାର କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ ସଂଗ୍ରହ କରୁଛନ୍ତି।

## ରଥ ନିର୍ମାଣର ୬୧ତମ ଦିବସ

# ତିନିରଥର ପାରାଭାଡ଼ି ଓ ନାଟଗୋଡରେ କନ୍ଦର୍ପ ରୂପ ଖୋଦେଇ ଶେଷ

- ରଥ ବେଦୀ ଚାରିପାର୍ଶ୍ୱରେ ଚାଲିଛି ପରୁସ ପଟାବାଡ଼ିଆ କାର୍ଯ୍ୟ
- ତିନିରଥର ବାହ୍ୟ ଅଂଶରେ ଧଳା ପ୍ରାଇମର୍ ଦେବା କାର୍ଯ୍ୟ ଜାରି



**ପୁରୀ:** ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଜୁଲାଇ ୧୬ ତାରିଖ। ଏଥିପାଇଁ ବଡଦାଣ୍ଡ ସ୍ଥିତ ରାଜାନଅର ସମ୍ମୁଖ ରଥଖଳା ଚଳଚଞ୍ଚଳ ହୋଇଉଠିଛି। ତିନିରଥର ନିର୍ମାଣ କାର୍ଯ୍ୟ ରଥଖଳାରେ ଦ୍ରୁତ ଗତିରେ ଆଗେଇ ଚାଲିଛି। ଶନିବାର ରଥ ନିର୍ମାଣର ୬୧ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ତିନିରଥର ପାରାଭାଡ଼ି ଓ ନାଟଗୋଡରେ କନ୍ଦର୍ପ ରୂପ ରୂପକାର ସେବକ ମାନଙ୍କ ଦ୍ୱାରା ଖୋଦେଇ ଶେଷ ହୋଇଛି। ତିନିରଥର ୪ ଗୋଟି ଲେଖାଏଁ ଚନ୍ଦ୍ରଶାଳୀ ର ନିର୍ମାଣ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ତିନିରଥର ଅଗ ଭୂଇଁ ବା ତୃତୀୟ ଭୂଇଁ ଉଭୟ ପାର୍ଶ୍ୱରେ କଇଁଥି ପଡ଼ି, ଅନ୍ଧାରୀ ତାଗ ବାଡ଼ିଆ କାର୍ଯ୍ୟ ସମ୍ପନ୍ନ ହେବା ସହ ତିନିରଥରେ ପଟା ପଡ଼ିବା କାର୍ଯ୍ୟ ଜାରୀ ରହିଛି। ତିନିରଥର ମୁଖ୍ୟ ମହାରଣାଙ୍କ ଉପସ୍ଥିତିରେ ସାଥି ମହାରଣା ଏବଂ ଭୋଇ ସେବକ ମାନେ ମିଶି ତିନିରଥର ବିଭିନ୍ନ ଅଂଶ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଆଗେଇ ନେଉଛନ୍ତି। ତିନିରଥର ୧୩ ପରାସ୍ତ ପୋଟଳ ମଧ୍ୟରୁ ଖପୁରୀ ସମେତ ସମସ୍ତ ପୋଟଳ ନିର୍ମାଣ ଶେଷ ହୋଇଥିବା ବେଳେ ଆଜି ପାରାଭାଡ଼ି ନିର୍ମାଣ ଶେଷ ହୋଇଛି। ପାରାଭାଡ଼ିରେ ଚିତ୍ରକାର ମାନେ ରଙ୍ଗ କାର୍ଯ୍ୟ ଶେଷ କଲା ପରେ ତିନିରଥ ଏକ ନମ୍ବର ପୋଟଳ ଉପରେ ସ୍ଥାପିତ ହେବ ଖପୁରୀ ସମେତ ବାକି ୧୨ ପରସ୍ତ ପୋଟଳ। ତିନିରଥର ଦୁଆର ବେଢ଼ା ଫ୍ରେମ୍ ନିର୍ମାଣ ପୂର୍ବରୁ ଦୁଆର ବେଢ଼ାର ଅନ୍ୟ ଅଂଶ ମାନ ଯଥା ୮ ଟି ଲେଖାଏଁ ଗାରେଡ଼ି ସହ ଆଠଟି ଲେଖାଏଁ ମଗର ମୁଖ ଏବଂ ଦୁଆର ବେଢାକୁ ବାନ୍ଧେଣି ପାଇଁ ୪ ଟି ଲେଖାଏଁ ଧ୍ୱଜ ବତା ନିର୍ମାଣ ଶେଷ ହୋଇଛି। ତିନି ରଥର ବଡ଼ କଳସ ପେଣ୍ଡି ର ନିର୍ମାଣ ଶେଷ ହୋଇଛି। ତିନିରଥର ଚାରି କୋଣକୁ ଛାଡ଼ି ରଥ ବେଦୀ ଚାରି ପାର୍ଶ୍ୱ ରେ ପରୁସ ପଟା ବାଡ଼ିଆ କାର୍ଯ୍ୟ ଜାରୀ ରହିଛି।ରୂପକାର ସେବକ ମାନେ ତିନିରଥର ୨୪ ଗୋଟି ନାଟ ଗୋଡ଼ରୁ ୧୨ ଗୋଟି ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଶେଷ କରି ବାକି ୧୨ ଗୋଟି ନାଟ ଗୋଡରେ କନ୍ଦର୍ପ ରୂପ ଖୋଦେଇ ଜାରୀ ରଖିଛନ୍ତି। ରଥ ଚକ ଗୁଡ଼ିକର ସୁରକ୍ଷା ପାଇଁ ଆରମ୍ଭ ହେଲା ଲୁହା ପ୍ଲେଟ୍ ଫିଟିଙ୍ଗ କାର୍ଯ୍ୟ। ତିନିରଥର ସମ୍ମୁଖ ଭାଗ ଚକ ଗୁଡ଼ିକର ସୁରକ୍ଷା ଦୃଷ୍ଟିରୁ ଆରମ୍ଭ ହୋଇଛି ଲୁହା ପ୍ଲେଟ୍ ଫିଟିଙ୍ଗ କାର୍ଯ୍ୟ। ଆଜି ତାଳଧ୍ୱଜ ରଥର ସମ୍ମୁଖ ଭାଗ ଚକ ଉଭୟ ପାର୍ଶ୍ୱ ପଇ , ପଇ ସଂଯୋଗ ସ୍ଥାନରେ ଲୁହା ପ୍ଲେଟ୍ ମାନ ନଟ ବୋଲ୍ଟ ଦେଇ ମହାରଣା ସେବକ ମାନେ ଫିଟିଙ୍ଗ କାର୍ଯ୍ୟ ଆରମ୍ଭ କରିଛନ୍ତି। ଚିତ୍ରକାର ସେବକ ମାନେ ତିନିରଥର ନାଟ ଗୋଡ଼ରେ ପ୍ରାଇମର୍ ଦେବା ପରେ ନାଟ ଗୋଡ଼ ଗୁଡ଼ିକରେ ରଙ୍ଗ କାର୍ଯ୍ୟ ଆରମ୍ଭ କରିଛନ୍ତି, ଏଥିସହ ପାର୍ଶ୍ୱ ଦେବ ଦେବୀ ମୂର୍ତ୍ତି ଗୁଡ଼ିକର ରଙ୍ଗ କାର୍ଯ୍ୟ ସହ ହଂସପଟା, ଦେବ ଦେବୀ ଆସ୍ଥାନ ଫ୍ରେମ୍ ,କଳସ ,ଓଲଟ ଶୁଆ ସହ ତିନିରଥର ବାହ୍ୟ ଅଂଶ ଗୁଡ଼ିକର ରଙ୍ଗ କାର୍ଯ୍ୟ ପୂର୍ବରୁ ଧଳା ପ୍ରାଇମର୍ ଦେବା କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା ସେବକ ମାନେ ତିନିରଥର ଦୁଆର ବେଢ଼ା ପାଇଁ ଚଉରସ ଏବଂ ଅଗ ପତେଳୀ କଣ୍ଟା ନିର୍ମାଣ ଏଲ କ୍ଲାମ୍ପ, ଇଉ କ୍ଲାମ୍ପ୍ ନିର୍ମାଣ ସହ ରଥର ଜଏଣ୍ଟ ସ୍ଥାନଗୁଡ଼ିକରେ ଏଲ କ୍ଲାମ୍ପ୍ ଫିଟିଙ୍ଗ ଜାରୀ ରଖିଛନ୍ତି।

## ବହୁଚର୍ଚ୍ଚିତ ତୋଫାନ ବିନ୍ଧାଣୀ ହତ୍ୟାକାଣ୍ଡ

# ୨ ଅଭିଯୁକ୍ତଙ୍କୁ ଏନକାଉଣ୍ଟର





**ରାଉରକେଲା:** ରାଉରକେଲାର ବହୁଚର୍ଚ୍ଚିତ ତୋଫାନ ବିନ୍ଧାଣୀ ହତ୍ୟାକାଣ୍ଡ ମାମଲାରେ ପୋଲିସକୁ ବଡ଼ ସଫଳତା ମିଳିଛି। ଶନିବାର ଭୋର ସମୟରେ ଝିରପାଣି ଥାନା ଅଞ୍ଚଳରେ ପୋଲିସ ଓ ଅଭିଯୁକ୍ତଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିବାବେଳେ ଦୁଇ ଅଭିଯୁକ୍ତ ଗୁଳିବିଦ୍ଧ ହୋଇ ଗିରଫ ହୋଇଛନ୍ତି। ଆହତ ଅଭିଯୁକ୍ତମାନେ ହେଲେ ଛୁନୁ ହରିପା ଓ ସୁଶାନ୍ତ ନାୟକ। ସେମାନଙ୍କ ଗୋଡ଼ରେ ପୋଲିସର ଗୁଳି ବାଜିଥିବା ସୂଚନା ମିଳିଛି। ସେମାନେ ଗତ ରାତିରେ ଝୀରପାଣି ଥାନା ନଦୀ ଟୋଲା ଅଞ୍ଚଳରେ ଲୁଚିଥିଲେ। ପୋଲିସ ଠାବ କରି ସେମାନଙ୍କୁ ଧରିବା ଉଦ୍ୟମବେଳେ ସେମାନେ ୨ ରାଉଣ୍ଡ ପୋଲିସ ଉପରେ ଗୁଳି ଚାଳନା କରିଥିଲେ। ଜବାବରେ ପୋଲିସ ୪ରାଉଣ୍ଡ ଗୁଳି ଚଳାଇ ଗିରଫ କରିଥିଲା। ଶନିବାର ସକାଳେ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରୁଛି। ପୋଲିସ ସୂଚନା ଅନୁସାରେ, ଝିରପାଣି ଅଞ୍ଚଳରେ ଅଭିଯୁକ୍ତମାନେ ଲୁଚିଥିବା ଖବର ପାଇ ଚଢାଉ କରାଯାଇଥିଲା। ଏହି ସମୟରେ ଅଭିଯୁକ୍ତମାନେ ପୋଲିସ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। ପରେ ପୁଲିସର ପାଳଟା କାର୍ଯ୍ୟାନୁଷ୍ଠାନରେ ଉଭୟ ଅଭିଯୁକ୍ତ ଆହତ ହୋଇଥିଲେ ଓ ସେମାନଙ୍କୁ ଗିରଫ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ମଙ୍ଗଳବାର ସେକ୍ଟର-୭ ଥାନା ଅନ୍ତର୍ଗତ ନାରାୟଣପାଲି ନିକଟରେ ତୋଫାନ ବିନ୍ଧାଣୀ ନାମକ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ୧୫ରୁ ୨୦ ଜଣ ଯୁବକ ସମ୍ପୃକ୍ତ ଥିବା ଅଭିଯୋଗ ରହିଛି।ଘଟଣା ପରେ ଅଭିଯୁକ୍ତଙ୍କ ଗିରଫ ଦାବିରେ ସ୍ଥାନୀୟ ବସ୍ତିବାସୀମାନେ ସେକ୍ଟର-୭ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ମାମଲାର ତଦନ୍ତକୁ ତ୍ୱରାନ୍ୱିତ କରିବା ପାଇଁ ରାଉରକେଲା ଏସ୍ପି ନୀତେଶ ୱାଧୱାନିଙ୍କ ନିର୍ଦ୍ଦେଶରେ ଡିଏସ୍ପି ମନୋରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଚାରିଟି ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା। ଗିରଫ ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ପିସ୍ତଲ ଜବତ ହୋଇଥିବାବେଳେ ଅନ୍ୟ ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ପୋଲିସର ଚଢାଉ ଜାରି ରହିଛି।

ପ୍ରତିଶବ୍ଦ TV
ଭୁବନେଶ୍ୱର, ୨୧ ଜୁନ୍ ୨୦୨୬

ସମ୍ପାଦକୀୟ

# ବ୍ୟବସ୍ଥାର ବିଫଳତା

ବ୍ୟବସ୍ଥାରେ ବିଫଳତା ହେଉ କି ବ୍ୟବସ୍ଥାର ବିଫଳତା, ବିଫଳତା କିନ୍ତୁ ଜଳ ଜଳ ହୋଇ ଦିଶୁଛି ଯାହା କି ପ୍ରାୟତଃ ପ୍ରମାଣିତ। ନ୍ୟାସନାଲ ଟେଷ୍ଟିଙ୍ଗ୍ ଏଜେନ୍ସୀ- ଏନ୍ ଟି ଏ ଭଳି ଦେଶର ଏକ ଜାତୀୟସ୍ତରୀୟ ଏବଂ ଦାୟିତ୍ୱସମ୍ପନ୍ନ ସଙ୍ଗଠନ ତା'ର ପରିଚାଳନାଗତ ତ୍ରୁଟି କାରଣରୁ ଯେଉଁ ଭୁଲ୍ କରିଛି ତାହା ଅତ୍ୟନ୍ତ ନିନ୍ଦନୀୟ ଏବଂ ଦେଶ ପାଇଁ ଏକ ଚିନ୍ତାର ବିଷୟ। ବିଶେଷକରି ଦେଶର ସେହି ପରୀକ୍ଷାର୍ଥୀଙ୍କ ପାଇଁ ଚିନ୍ତାର ବିଷୟ ଯେଉଁମାନେ ସେଭଳି ସଙ୍ଗଠନ ଦ୍ୱାରା ଆୟୋଜିତ ଅବା ସେହି ସଙ୍ଗଠନ ମାଧ୍ୟମରେ ଆୟୋଜିତ ପରୀକ୍ଷାଦିରେ ବିଫଳତାର ସାମ୍ନା କରନ୍ତି, ତାହା ବି ସଂପୃକ୍ତ ସଙ୍ଗଠନର ପରିଚାଳନାଗତ ତ୍ରୁଟି କାରଣରୁ ଯାହା କି ବାସ୍ତବିକ ଅତି ଦୁଃଖର ବିଷୟ। ପୂରା ଦେଶ ପାଇଁ, ପୂରା ଛାତ୍ର ସମାଜ ପାଇଁ ଅତ୍ୟନ୍ତ ଚିନ୍ତାର ବିଷୟ। ଚଳିତ ମେ' ୩ ତାରିଖରେ ନ୍ୟାସନାଲ୍ ଟେଷ୍ଟିଙ୍ଗ ଏଜେନ୍ସୀ ଏନ ଟି ଏ ପକ୍ଷରୁ ସର୍ବଭାରତୀୟ ସ୍ତରରେ ଆୟୋଜନ କରାଯାଇଥିବା ନିଟ୍ ୟୁଜି ପରୀକ୍ଷା ଯେଉଁଥିରେ ପ୍ରାୟ ୨୨ଲକ୍ଷ ଆଶାୟୀ ପ୍ରାର୍ଥୀ ସେମାନଙ୍କର ଭାଗ୍ୟ ନିର୍ଦ୍ଧାରଣର ନିଷ୍ପତ୍ତି ନେଇ ପରୀକ୍ଷା ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ପରୀକ୍ଷା ଅନୁଷ୍ଠିତ ହେବାର ମାତ୍ର ଆଠଦିନ ପରେ ଅର୍ଥାତ୍ ମେ' ୧୨ ତାରିଖରେ ସଂପୃକ୍ତ ଆୟୋଜକ ଅନୁଷ୍ଠାନ ଏନଟିଏ ପକ୍ଷରୁ ପରୀକ୍ଷା ବାତିଲ୍ ନେଇ ଘୋଷଣା କରାଯାଇଥିଲା। ପରୀକ୍ଷାରେ ସାଙ୍ଘାତିକ ଅନିୟମିତତା କାରଣରୁ ଯେପରିକି ପ୍ରଶ୍ନପତ୍ର ଲିକ୍ ଭଳି ଆୟୋଜକ କର୍ତ୍ତୃପକ୍ଷଙ୍କ ପରିଚାଳନାଗତ ତ୍ରୁଟି ପରୀକ୍ଷା ବାତିଲ୍ ପଛର ମୁଖ୍ୟ କାରଣ ବୋଲି ପ୍ରମାଣିତ ହେବାପରେ ଏନଟିଏ କର୍ତ୍ତୃପକ୍ଷ ନିଜ ତ୍ରୁଟି ସ୍ୱୀକାର କରିବା ସହ ପରବର୍ତ୍ତୀ ପରୀକ୍ଷା ତାରିଖ ଘୋଷଣା କଲେ। ତଥ୍ୟ ଅନୁସାରେ ଆଗାମୀ ଜୁନ୍ ୨୧ ତାରିଖ ପୁନର୍ବାର ନିଟ୍-ୟୁଜି ପରୀକ୍ଷାର ଆୟୋଜନ ନେଇ ତାରିଖ ଘୋଷଣା କରାଯାଉଛି। ତେବେ ଏନ୍ ଟି ଏର ସର୍ବଭାରତୀୟ ସ୍ତରରେ ପରୀକ୍ଷା ଆୟୋଜନ ସମୟରେ ଏଭଳି ତ୍ରୁଟି ବିଚ୍ୟୁତି ପ୍ରଥମ ଘଟଣା ନୁହେଁ। ଏହା ପୁର୍ବରୁ ୨୦୨୪ ମସିହା ମେ ' ମାସରେ ମଧ୍ୟ ସେହିଭଳି କିଛି ତ୍ରୁଟି ବିଚ୍ୟୁତି ହୋଇଥିଲା ଯାହା କାରଣରୁ ଏନ୍‌ଟିଏ ତରଫରୁ ପରୀକ୍ଷା ବାତିଲ୍ କରାଯାଇଥିଲା। ପରୀକ୍ଷାକୁ ଯଦିଓ ସମ୍ପୂର୍ଣ୍ଣ ଭାବରେ ବାତିଲ୍ କରାଯାଇନଥିଲା, ତେବେ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପାଇଁ ପୁନର୍ବାର ସେହି ପରୀକ୍ଷାର ଆୟୋଜନ କରାଯାଇଥିଲା। ଅତୀତରେ ବି ନିଟ୍ ପରୀକ୍ଷା ଆୟୋଜନରେ ମଧ୍ୟ ସେହିଭଳି କିଛି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୋଇଥିଲା। ନିଟ୍ ପରୀକ୍ଷା ଆୟୋଜନରେ ବାରମ୍ବାର ସେଭଳି ତ୍ରୁଟି ବିଚ୍ୟୁତିର ଅର୍ଥ ଦେଶର ପରୀକ୍ଷାର୍ଥୀଙ୍କ ଜୀବନ ସହିତ ଖେଳ ଖେଳିବା। ବିଚରା କିଏ କେତେ ଆଶା ନେଇ, କେତେ ଆକାଂକ୍ଷା ନେଇ ସେମାନେ ପରୀକ୍ଷା ଦିଅନ୍ତି, ଜୀବନରେ କିଛି ଗୋଟାଏ ନିର୍ଦ୍ଦିଷ୍ଟ ଆଶା ଏବଂ ଲକ୍ଷ୍ୟ ନେଇ ପରୀକ୍ଷା ଦେଉଥିବା ସଂପୃକ୍ତ ଛାତ୍ରଛାତ୍ରୀ ବହୁତ କଷ୍ଟ ସ୍ୱୀକାର କରି ଯେବେ ସେମାନେ ପରୀକ୍ଷା ଦିଅନ୍ତି, କିଏ ପାସ୍ କରିବେ ଅବା କିଏ ଫେଲ୍ କରିବେ , ତାହା ତ ଭିନ୍ନ କଥା, ତେବେ ପରୀକ୍ଷାରେ ପାସ୍ ହୋଇ ଜୀବନରେ ଏକ ସଫଳ କ୍ୟାରିୟର ଗଠନର ଲକ୍ଷ ଅନ୍ତତଃ ସମସ୍ତଙ୍କର ଥାଏ। ହେଲେ ପରୀକ୍ଷା ବାତିଲ୍ ହେବା ନିଶ୍ଚିତ ରୂପେ ଏକ ଚିନ୍ତା ଆଉ ପରିତାପର ବିଷୟ। ଯାହାକୁ ନେଇ ସ୍ୱୟଂ ସୁପ୍ରିମ କୋର୍ଟ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନିଜର ଭୁଲ୍ , ସୁଧାରିବା ସହ ଅତୀତର ଭୁଲ୍‌ରୁ କିଛି ଶିକ୍ଷା ଲାଭ କରିବା ଉପରେ ମଧ୍ୟ ସୁପ୍ରିମ୍ କୋର୍ଟ ଉପଦେଶ ଛଳରେ ଏନଟିଏ ଉଦ୍ଦେଶ୍ୟରେ ନୈତିକ ବାର୍ତ୍ତା ପ୍ରଦାନ କରିଛନ୍ତି ଭାରତର ସୁପ୍ରିମ୍ କୋର୍ଟ। ତେବେ ନାସନାଲ ଟେଷ୍ଟିଙ୍ଗ ଏଜେନ୍‌ସୀ-ଏନ୍‌ଟିଏ ଯାହାକି ୨୦୧୭ ନଭେମ୍ବରରେ ପ୍ରତିଷ୍ଠା କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଅଧୀନରେ ଆସୁଥିବା ଏହି ସଙ୍ଗଠନ ଏକ ସ୍ୱୟଂସମ୍ପୂର୍ଣ୍ଣ ସଙ୍ଗଠନ ଯାହାର ଏକମାତ୍ର ଉଦ୍ଦେଶ୍ୟ ଜାତୀୟ ସ୍ତରରେ କେତେକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଯେପରି ନିଟ୍ ୟୁ ଜି ଆଦି ପରୀକ୍ଷା ....ସେ ସବୁର ସଫଳ ଆୟୋଜନ କରାଇବା। ତେବେ କେବେକେବେ ପରୀକ୍ଷା ଆୟୋଜନରେ ତ୍ରୁଟି ବିଚ୍ୟୁତି ଦେଖାଦେବା କାରଣରୁ ଆଶାୟୀ ପରୀକ୍ଷାର୍ଥୀଙ୍କ ମନରେ ସେମାନଙ୍କ କ୍ୟାରିୟରକୁ ନେଇ ଆଶଙ୍କା ପ୍ରକାଶ ପାଇବାରୁ ନିଟ୍ ପେପର ଲିକ୍ ମାମଲା ଯାଇ ଏବେ ସୁପ୍ରିମ୍ କୋର୍ଟରେ।

## ବୁଦ୍ଧିବଳର ପ୍ରଭାବ

ଥରେ ଗୋଟାଏ ପକ୍ଷୀଦଳ ସକାଳୁ ସକାଳୁ ଆରମ୍ଭ କରିଥିଲେ ତାଙ୍କ ଯାତ୍ରା। ଲକ୍ଷ୍ୟ ତ ଥାଏ ତଥାପି ତାଙ୍କ ଯାତ୍ରା ସରୁ ନଥାଏ। ପକ୍ଷୀଦଳଙ୍କ ଯାତ୍ରା ବୋଧହୁଏ ଥିଲା ବହୁତ ଲମ୍ବା। ତେବେ ସେମାନେ କୁଆଡ଼େ ଯାଉଥାଆନ୍ତି କେଜାଣି ? ସମସ୍ତ ପକ୍ଷୀଙ୍କୁ ମଧ୍ୟ ତାହା ଜଣା ନଥାଏ। ବୋଧହୁଏ ଗୋଟାଏ ଲମ୍ବା ଯାତ୍ରା କିମ୍ବା ଗୋଟାଏ ବହୁତ ବଡ଼ ଯାତ୍ରାରେ ବାହାରିଥିଲେ ସେମାନେ। ହସ ଖୁସିରେ ଯାଉ ଯାଉ ବହୁ ଦୂରକୁ ଚାଲି ଯାଇଥିଲେ ସେମାନେ। ସମ୍ଭବତଃ ସେମାନଙ୍କ ଯାତ୍ରା ପଥରୁ ଓହରିଯାଇ କିଛି ଆଗକୁ ଚାଲିଯାଇଥିଲେ ସେମାନେ। ହୁଏତ ସେମାନଙ୍କ ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇ ଭିନ୍ନ ରାସ୍ତାରେ କିଛି ଆଗକୁ ଚାଲି ଯାଇଥିଲେ ସେମାନେ। ଯାହା ହେଉ.. ଉଡ଼ାଣ କିନ୍ତୁ ଜାରି ରହିଥିଲା ସେହି ପକ୍ଷୀ ଦଳର। ଖରାଦିନର କଥା। ଆକାଶରେ ଖରା ମୁଣ୍ଡ ଉପରକୁ ଉଠିଗଲାଣି। ଖରାଦିନର ଏତେ ଖରା ପରେ ବି ସେମାନଙ୍କ ଯାତ୍ରା ସରୁ ନଥାଏ। ହଠାତ୍ ସେମାନଙ୍କ ମଧ୍ୟରୁ ବୁଢ଼ା ପକ୍ଷୀଟିଏ ଆଉ ଉଡ଼ି ନପାରି ପୂରା ହାଲିଆ ହୋଇପଡ଼ିଲା। ତଳକୁ ଖସିବାର ଉଦ୍ୟମ ଆରମ୍ଭ କରିଦେଲା। ଅନ୍ୟମାନେ ବି ପ୍ରାୟ ସେହିଭଳି ସ୍ଥିତିକୁ ଆସିଗଲେଣି। ହେଲେ କ'ଣ କରିବେ । ଲକ୍ଷ୍ୟପଥ ଏବେ ବି ରହିଛି ଆହୁରି ଦୂରରେ । ତେବେ ସାଥୀମାନଙ୍କର ଥକ୍କାପଣକୁ ଲକ୍ଷ୍ୟରେ ରଖି ଦଳର ମୁଖିଆ ବି ଚିନ୍ତାରେ । କ'ଣ କରାଯିବ ? ଏବେ ସମସ୍ତେ ପ୍ରାୟ ହାଲିଆ। ଉଡ଼ି ଉଡ଼ି ଏତେ ବାଟ ଆସିଲା ପରେ ଯେ କେହି ବି ହାଲିଆ ହେବା ସ୍ୱାଭାବିକ। ଏବେ କ'ଣ କରିବେ କୁଆଡ଼େ ଯିବେ ? ଏହି ଚିନ୍ତାରେ ସମସ୍ତେ ପଡ଼ିଗଲେ। କିଛି ସମୟ ପାଇଁ କାଉଦଳ ଉଡ଼ା ବନ୍ଦକରି ନିକଟରେ ଥିବା ଗୋଟାଏ ବଡ ଗଛରେ ବସିଗଲେ। ସମସ୍ତେ ଗଛରେ କିଛି ସମୟ ପାଇଁ ବସିଗଲା ପରେ ପ୍ରଥମେ ସେମାନେ ତାଙ୍କର ଥକ୍କା ମେଣ୍ଟାଇଲେ। ପରେ ପୁଣି ସେହି ଦଳ ସେମାନଙ୍କ ଗନ୍ତବ୍ୟ ପଥରେ ଉଡ଼ିବା ପାଇଁ ସ୍ଥିର କଲେ। ତେବେ ସେହି ପକ୍ଷୀ ଦଳ ଭିତରେ ଦୁଇଟା ବୃଦ୍ଧ କାଉ ରହିଯାଇଥିଲେ। ସେମାନେ ଆଗକୁ ଆଉ ଉଡ଼ିବା ଅବସ୍ଥାରେ ନଥିଲେ। ପ୍ରଥମତଃ ସେମାନେ ବହୁତ ବାଟ ଉଡ଼ି ଉଡି ହାଲିଆ ହୋଇଯାଇଥିଲେ। ଦ୍ୱିତୀୟରେ ସେମାନଙ୍କୁ ଏତେ ଜୋର୍‌ରେ ଶୋଷ ଲାଗୁଥିଲା ଯେ ସେମାନେ ଆଉ ଟିକିଏ ବି ଉଡ଼ିବା ଅବସ୍ଥାରେ ନଥିଲେ। ବରିଷ୍ଠ ପକ୍ଷୀମାନଙ୍କର ଏପରି ସ୍ଥିତି ଦେଖି ବାକିମାନେ ପଡ଼ିଗଲେ ଚିନ୍ତାରେ। ଚିନ୍ତାର ବିଷୟ ଥିଲା ଯେ ନିଘଞ୍ଚ -ଜଙ୍ଗଲରେ ପାଣି ବ୍ୟବସ୍ଥା। ତେବେ ହଠାତ ଅନତି ଦୁରରେ ଗୋଟାଏ କିଛି ପାତ୍ର ଥୁଆ ହୋଇଥିବାର ନଜର ପଡ଼ିଲା ପରେ ଗୋଟାଏ କାଉ ସେଠାକୁ ଯାଇ ଦେଖେ ତ ସେଥିରେ କିଛି ପାଣି ଥିଲା। ହେଲେ ପାଣି ତଳେ ଥିବା ଦେଖି ବୁଦ୍ଧି ଖର୍ଚ୍ଚ କରି ସେଥିରେ କିଛି ଛୋଟ ପଥରଖଣ୍ଡ ପକାଇଦେବା ପରେ ଭିତର ପାଣି ଉପରକୁ ଆସିବା ପରେ ତୃଷାର୍ତ୍ତ କାଉ ପାଣି ପିଇ ସେମାନଙ୍କ ତୃଷା ମେଣ୍ଟାଇଲେ। ବେଳେ ବେଳେ ବୁଦ୍ଧିବଳରେ କେତେକ କଷ୍ଟକର କାର୍ଯ୍ୟ ବି ସହଜ ହୋଇଯାଇଥାଏ। ଅସମ୍ଭବ କାର୍ଯ୍ୟ ମଧ୍ୟ ସମ୍ଭବ ମନେହୁଏ।

# ବଳିଦାନର ମହାପର୍ବ ଇଦୁଲ-ଅଜ୍‌ହା

ମୌଲାନା ଫଜଲ ହକ ଖାନ୍



ଆରବୀ ଭାଷାରେ "ଅଜ୍‌ହା"ର ଅର୍ଥ " କୁରବାନୀ' " ବଳିଦାନ ବା ତ୍ୟାଗ । ମୁସଲମାନ ସମ୍ପ୍ରଦାୟ ରମଜାନ ଇଦ୍‌ର ୭୦ ଦିନ (ଦୁଇମାସ ଦଶଦିନ) ପରେ ଇଦୁଲ୍ ଅଜ୍‌ହା ପାଳନ କରେ ।

ପବିତ୍ର କୁରଆନ, ପୈଗମ୍ବର ହଜରତ ମୁହମ୍ମଦଙ୍କ ବାଣୀ ଓ ବାଇବେଲରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ଚାରି ହଜାର ବର୍ଷ ପୂର୍ବେ ଆରବ ଭୂଖଣ୍ଡରେ ଘୋର ଅନ୍ଧ ବିଶ୍ୱାସର ବାତାବରଣ ଥିଲା । ଏକେଶ୍ୱରବାଦର କୌଣସି ଚିହ୍ନବର୍ଣ୍ଣ ନଥିଲା । ଯେତେବେଳେ ଏ ଅନ୍ଧବିଶ୍ୱାସ ସେଠାକାର ସମାଜକୁ ସଂପୂର୍ଣ୍ଣ ଗ୍ରାସ କରିବାକୁ ଲାଗିଲା ଓ କୁସଂସ୍କାର ଜଳ ସ୍ଥଳେ ସର୍ବତ୍ର ବ୍ୟାପିଗଲା, ସେତେବେଳେ (ମୁସଲମାନ ଧର୍ମବିଶ୍ୱାସ ଅନୁଯାୟୀ) ଅଲ୍ଲାହ ଚାହିଁଥିଲେ ଯେ ଲୋକମାନେ କେବଳ ତାହାଙ୍କ ନାମ ସ୍ମରଣ କରନ୍ତୁ । ମନୁଷ୍ୟ ଜୀବବଳି ପରି କୁପ୍ରଥାରୁ ଦୂରେଇ ଯାଆନ୍ତା ଓ ସେମାନେ ଯେପରି ନର୍କଗାମୀ ହେବାରୁ ବଞ୍ଚିତ ହୋଇଯାଆନ୍ତେ । ଫଳରେ ଅଲ୍ଲାହ ସମସ୍ତଙ୍କ ଦୃଷ୍ଟିର ଅନ୍ତରାଳରେ ରହି ଏକ ମହାନ ନାଟକର ସଂରଚନା କରିଥିଲେ, ଯାହା ସବୁ ଦିନ ପାଇଁ ସ୍ମରଣୀୟ ହୋଇ ରହିଗଲା ଏବଂ ବଳିଦାନର ପ୍ରକୃତ ଅର୍ଥ ପ୍ରକାଶ ପାଇଲା । ପ୍ରକୃତ କୁରବାନୀ କିପରି ହେବା ଦରକାର ତାହା ବୁଝାପଡ଼ିଲା । ସେଥିପାଇଁ ଆଜି ଆମେ 'କୁରବାନୀ ଇଦ' ପାଳନ କରୁଛେ ।

ମୁସଲମାନ ସମ୍ପ୍ରଦାୟର ଲୋକମାନେ ରମଜାନ ଇଦ୍‌ର ପରେ ଇଦୁଲ୍ ଅଜ୍‌ହା ପାଳନ କରନ୍ତି । ପବିତ୍ର କୁରଆନର ସୁରା ଅଲ୍-ସାଫାତରେ ବର୍ଣ୍ଣନା କରାଯାଇଛି, ଯେ ଇବ୍ରାହିମ(ଅବ୍ରାହମ) ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ନିଃସନ୍ତାନ ଥିଲେ ଓ ଏକ ପୁତ୍ର ସନ୍ତାନ ପାଇବା ସକାଶେ ପ୍ରାର୍ଥନା କରିଥିଲେ । ଅଲ୍ଲାହ ତାଙ୍କୁ ଏକ ସନ୍ତାନ ଜନ୍ମର ସୁସମ୍ବାଦ ଦେଇଥିଲେ । ତେବେ ସେହି ପୁତ୍ର ସନ୍ତାନ ଅଲ୍ଲାହଙ୍କ କହିବାନୁଯାୟୀ ଜନ୍ମ ହୋଇ ବଢ଼ିବାକୁ ଲାଗିଲା । ଯେତେବେଳେ ଏହି ବାଳକ ଖେଳକୁଦର ବୟସରେ ଉପନିତ ହେଲା, ସେତେବେଳେ ହଠାତ୍ ଦିନେ ଅଲ୍ଲାହ ଇବ୍ରାହିମଙ୍କୁ ସ୍ୱପ୍ନ ଦ୍ୱାରା ନିର୍ଦ୍ଦେଶ ଦେଲେ, ଯେ 'ତୁ' ତୋର ଏହି ଅତିପ୍ରିୟ ସନ୍ତାନକୁ ବଳି ଦେ । ଏହାପରେ ଇବ୍ରାହିମ ଏହି ଖବର ନିଜ ପୁତ୍ର ଇସମାଇଲଙ୍କୁ ଶୁଣାଇଲେ । ସେହି ଭବ୍ୟ କୋମଳମତି ଆଜ୍ଞାବହ ସନ୍ତାନ ଉକ୍ତ କଥାରେ ସମ୍ମତି ପ୍ରଦାନ କରିଥିଲେ ଓ ଏହି ନିଷ୍ପତିରେ ଅଟଳ ରହିବାର ପ୍ରତିଜ୍ଞା କରିଥିଲେ । ତା'ପରେ ହଜରତ ଇବ୍ରାହିମ ନିଜ ପୁତ୍ର ଇସମାଇଲଙ୍କୁ ବଳିଦେବା ପାଇଁ ଉଦ୍ୟତ ହୁଅନ୍ତେ ତାଙ୍କୁ ଦୈବୀବାଣୀ ହେଲା, ହେ ଇବ୍ରାହିମ । ତୁମେ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛ । ତୁମ ପାଇ ଏହା ଏକ ପରୀକ୍ଷା ଥିଲ । ତୁମେ ପ୍ରକୃତରେ ପୁନ୍ୟବାନ । ଏବଂ ତୁମେ ଏକ ଅଣ୍ଡିରା ମେଷକୁ ବଳିଦିଅ, ଯାହା ତୁମ ପୁତ୍ରବଳିର ପ୍ରତିବଦଳ ହେବ । ଅଲ୍ଲାହ ତୁମକୁ ଉପଯୁକ୍ତ ପୁରସ୍କାର ଅବଶ୍ୟ ପ୍ରଦାନ କରିବେ ଏବଂ ତୁମ ଆଗାମୀ ବଂଶଧରଙ୍କ ପାଇଁ ଏହି ପୂଣ୍ୟକର୍ମ ଏକ ଆଦର୍ଶ ଦୃଷ୍ଟାନ୍ତ ହୋଇ ରହିବ ।

ଯେହେତୁ ସେତେବେଳେ ମଣିଷ ବଳିର ପ୍ରଚଳନ ଥିଲା, ତେଣୁ ହଜରତ ଇବ୍ରାହିମ ମଧ୍ୟ ଭ୍ରମରେ ପଡ଼ିଯାଇ ନିଜ ପୁତ୍ରକୁ ବଳି ଦେବାପାଇଁ ନେଇ ଯାଇଥିଲେ । କିନ୍ତୁ ଅଲ୍ଲାହଙ୍କ ନିର୍ଦ୍ଦେଶ ଅନୁସାରେ ହଜରତ ଇବ୍ରାହିମ ପୁତ୍ରବଳି ପରିବର୍ତ୍ତେ ମେଷବଳି ଦେଇଥିଲେ, ସେହି ସମୟ ଠାରୁ ପଶୁବଳି ପ୍ରଥା ପ୍ରଚଳନ କରିଥିଲେ ଏବଂ ମନୁଷ୍ୟବଳି ସବୁଦିନ ପାଇଁ ବନ୍ଦ କରି ଦେଇଥିଲେ । ଏହାପରେ ଯେତେବେଳେ ଲୋକମାନଙ୍କ ମଧ୍ୟରେ ଏଭଳି ଅନ୍ଧବିଶ୍ୱାସର ଉଦ୍ରେକ ହୋଇଥିଲା, ହଜରତ ଇବ୍ରାହିମଙ୍କ ଉପରେ ବିଶ୍ୱାସ ରଖୁଥିବା ଲୋକମାନେ ଏହାର ପ୍ରବଳ ବିରୋଧ କରିଥିଲେ ।

ଜଣେ ମୂର୍ତ୍ତି ତିଆରି କରୁଥିବା ବାପର ପୁତ୍ର ହୋଇ ମଧ୍ୟ ହଜରତ ଇବ୍ରାହିମ ଏକ ନିରାକାର ପ୍ରଭୁଙ୍କର ଭକ୍ତ ହୋଇ ପାରିଥିଲେ । ନରବଳିକୁ ଉଚ୍ଛେଦ କରି ପଶୁବଳି ପ୍ରଚଳନ କରିଥିଲେ । ତେଣୁ ବଡ଼ବଡ଼ ଧର୍ମ ସଂପ୍ରଦାୟରେ ହଜରତ ଇବ୍ରାହିମଙ୍କୁ ଜଣେ ସଂସ୍କାରକ ଓ ଯୁଗ ପ୍ରବର୍ତ୍ତକ ଭାବରେ ସମ୍ମାନ ଦିଆଯାଉଛି ଏବଂ ଇସଲାମ ଧର୍ମରେ ତାଙ୍କୁ ନବି(ଅବତାର)ଙ୍କ ସ୍ଥାନ ଦିଆଯାଇଛି । ମୁସଲମାନ ମାନେ ଯେତେବେଳେ ହଜରତ ମୁହମ୍ମଦ ସଲ୍ଲମଙ୍କୁ ଦରୁଦ୍ ପଠାଇଥାନ୍ତି, ସେତେବେଳେ ହଜରତ ଇବ୍ରାହିମଙ୍କ ନାମ ମଧ୍ୟ ନେଇଥାନ୍ତି ।ଦୈବୀବାଣୀ ପରେ ଆଉ ଏକ ଘଟଣା ଘଟିଥିଲା । ଯାହାଦ୍ୱାରା ହଜରତ ଇବ୍ରାହିମଙ୍କୁ ନିଜ ପତ୍ନୀ ଓ ପୁତ୍ରଙ୍କ ଠାରୁ ପୃଥକ ହେବାକୁ ପଡ଼ିଥିଲା । ଏହା ମଧ୍ୟ ଅନ୍ତଃଙ୍କ ନିର୍ଦ୍ଦେଶ ଅନୁସାରେ ହୋଇଥିଲା । କିଛି ଲୋକ ହଜରତ ଇବ୍ରାହିମଙ୍କୁ ଏକ ସତ୍ୟବାଦୀ ପୁରୁଷ ଭାବେ ଗ୍ରହଣ କରି ତାଙ୍କର ଅନୁଗାମୀ ହୋଇଥିଲେ । ଯେହେତୁ ହଜରତ ଇବ୍ରାହିମ ଏକେଶ୍ୱରବାଦର ପ୍ରଚାର କରୁଥିଲେ, ଅନୁଗାମୀମାନେ ଏହାକୁ ସତ୍ୟ ସିଦ୍ଧାନ୍ତ ଭାବେ ଗ୍ରହଣ କରିଥିଲେ ।

ହଜରତ ଇବ୍ରାହିମଙ୍କୁ ଅଲ୍ଲାହ ନିର୍ଦ୍ଦେଶ ଦେଲେ ଯେ ତୁମେ ନିଜ ପତ୍ନୀ ହଜରତ ହାଜ୍ ?ରାଙ୍କୁ ଓ ପୁତ୍ର ହଜରତ ଇସମାଇଲଙ୍କୁ ନେଇ ଏକାନ୍ତରେ ଛାଡ଼ିଆସ । ସେ ଅଲ୍ଲାହଙ୍କ ଆଜ୍ଞା ପାଳନ କରି ତାହା ହିଁ କରିଥିଲେ । ଛଅ ବର୍ଷର ପୁତ୍ର ଓ ହଜରତ ହାଜ୍‌ରାଙ୍କୁ ସାଙ୍ଗରେ ନେଇ ଏକ ନିର୍ଜନ ବାଲୁକାମୟ ମରୁଭୂମିରେ ଛାଡ଼ି ଆସିଲେ । ଏହି ଘଟଣା ଆଉ ଏକ ସତ୍ୟ ଘଟଣାର ସୁତ୍ରପାତ କଲା । ନିଜ ପତ୍ନୀ ଓ ପୁଅକୁ ଆରବର ମକ୍କା ମରୁପ୍ରାନ୍ତରେ ଛାଡ଼ି ଆସିବା ପରେ ସେଠାରେ ମାତା ଓ ପୁତ୍ରଙ୍କର ବଞ୍ଚିବାର ଏକମାତ୍ର ସମ୍ବଳ ଥିଲା, ଅଳ୍ପ ପାଣି ଓ କିଛି ଖଜୁରୀ କୋଳି । ହଜରତ ଇବ୍ରାହିମ ଘର ମୁହାଁ ହେଲା ବେଳେ ପତ୍ନୀ ହାଜ୍‌ରା ପଚାରିଥିଲେ, ଏପରି କରିବାର ଉଦ୍ଦେଶ୍ୟ କ'ଣ ? ବାରମ୍ବାର ଏହି ପ୍ରଶ୍ନ କରନ୍ତେ ହଜରତ ଇବ୍ରାହିମ ଲୋକତପୂର୍ଣ୍ଣ ଚକ୍ଷୁରେ ଉପରକୁ ଇଙ୍ଗିତ କରିଥିଲେ । ହଜରତ ହାଜ୍‌ରା ବୁଝିପାରିଲେ ଯେ ଏହା ଅଲ୍ଲାହଙ୍କ ନିର୍ଦ୍ଦେଶ । ସେ କହିଲେ, " ଯଦି ଏହା ଅଲ୍ଲାହଙ୍କର ଇଚ୍ଛା, ତେବେ ଆପଣ ଆମକୁ ନିଶ୍ଚିତ ହୋଇ ଏଠାରେ ଛାଡ଼ି ଯାଆନ୍ତୁ । ଅଲ୍ଲାହ ଆମକୁ କେବେହେଲେ ନଷ୍ଟ କରିବେ ନାହିଁ ।' କିଛି ଦିନପରେ ପାଖରେ ଥିବା ଖଜୁରୀ କୋଳି ଓ ପାଣି ସରିଗଲା । ଶିଶୁ ପୁତ୍ର ଇସମାଇଲଙ୍କୁ ପ୍ରବଳ ଶୋଷ ହେଲା ଓ ସେ କାନ୍ଦିବାକୁ ଲାଗିଲେ । ହଜରତ ହାଜ୍‌ରା ଅତି ବ୍ୟାକୁଳ ହୋଇ ଅନତି ଦୂରରେ ଥିବା ଦୁଇଟି ପାହାଡ଼ "ସଫା' ଏବଂ " ମରୱା" ଉପରେ ସାତଥର ଚଢ଼ି ପାଣି ଖୋଜିଥିଲେ । କୌଣସି ସ୍ଥାନରେ ପାଣିର ସନ୍ଧାନ ମିଳିଲା ନାହିଁ । ହଜରତ ହାଜ୍ ?ରା ଆର୍ତ୍ତନାଦ କରିଥିଲେ" କ'ଣ ଅଲ୍ଲାହଙ୍କର କେହି ପୁଣ୍ୟବନ୍ତ ଭକ୍ତ ଅଛି, ଯେ ଆମକୁ ପାଣି ଯୋଗାଇ ପାରିବ ? ' ସେତେବେଳେ ଦୈବୀବାଣୀ ଦ୍ୱାରା ତାଙ୍କୁ ଜଣାଇ ଦିଆଗଲା ଯେ ତୁମ ସନ୍ତାନର ଆବଶ୍ୟକତା ପୂରଣ ହୋଇଯାଇଛି । ସତକୁ ସତ ସେ ପାହାଡ଼ରୁ ତଳକୁ ଓହ୍ଲାଇ ଦେଖିଲେ ଯେ ପୁତ୍ର ଇସମାଇଲଙ୍କ ଗୋଇଠି ଘର୍ଷଣରୁ ବାଲି ମଧ୍ୟରୁ ଏକ କ୍ଷୁଦ୍ର ଝରଣା ସୃଷ୍ଟି ହୋଇଛି । ସେମାନେ ସେହି ଝରଣା କୂଳରେ ନିଜର ଡ଼େରା ପକାଇଲେ । କ୍ରମଶଃ ସେହି ସ୍ଥାନ ବଣିକମାନଙ୍କର ମଧ୍ୟ ଏକ ବିଶ୍ରାମଗାରରେ ପରିବର୍ତ୍ତିତ ହେଲା । ଏହି ସ୍ଥାନକୁ ଏକ ପବିତ୍ର ସ୍ଥାନ ରୂପେ ଗ୍ରହଣ କରାଯାଏ ଓ ଏଠାରୁ ଯେଉଁ ପାଣି ବାହାରିଥିଲା, ପରବର୍ତ୍ତୀ ସମୟରେ ତାହା ଏକ ଝରଣାରେ ପରିଣତ ହେଲା । ଏବଂ ଏହା' 'ଆବେ ଜମ୍ ଜମ୍" (ଅର୍ଥାତ୍ ଏ ପାଣି ତୁ ଅଟକି ଯା') ନାମରେ ବିଖ୍ୟାତ ।

କୁରବାନୀର ଅନ୍ତର୍ନିହିତ ଶିକ୍ଷା ହେଉଛି " ନିଜର ସର୍ବସ୍ୱକୁ ଈଶ୍ୱରଙ୍କ ପାଇଁ ଓ ମାନବ କଲ୍ୟାଣ ପାଇଁ ଉତ୍ସର୍ଗ କରିଦେବା ।'' ହଜରତ ଇବ୍ରାହିମଙ୍କ ସମୟରେ ପଶୁବଳି ପ୍ରଥା ପ୍ରଚଳିତ ହୋଇଥିଲା । ଏହାକୁ ସେ ସମୟର ଖ୍ରୀଷ୍ଟିଆନ ଓ ୟହୁଦୀ ଧର୍ମାଲମ୍ବୀମାନେ ମଧ୍ୟ ଗ୍ରହଣ କରିଥିଲେ । ପରବର୍ତ୍ତୀ ସମୟରେ ଏହି ପଶୁବଳି ପ୍ରଥାକୁ ହଜରତ ମହମ୍ମଦ ସଲ୍ଲମ ନିୟମିତ ରୀତିରେ ପରିଣତ କରିଥିଲେ । ସମସ୍ତ ହଜ ଯାତ୍ରୀଙ୍କ ସକାଶେ ପଶୁବଳି ଦେବା ଧାର୍ଯ୍ୟ କରି ଦିଆଗଲା । ସମଗ୍ର ମୁସଲମାନମାନଙ୍କ ପାଇଁ କୁରବାନୀ କରିବାକୁ ଏକ ଆଦର୍ଶ ଭାବେ ଗ୍ରହଣ କରାଗଲା ।

କେତେକ ଅନୁଚରଙ୍କ ପ୍ରଶ୍ନର ଉତ୍ତର ଦେଇ କୁରବାନୀର ଉଦ୍ଦେଶ୍ୟ ଓ ମହତ୍ୱ ବିଷୟରେ ନବି ଶ୍ରେଷ୍ଠ ହଜରତ ମୁହମ୍ମଦ ସଲ୍ଲମ କୁହନ୍ତି ଯେ ' ଏହା ହେଉଛି ସୁନ୍ନତ୍( ମୋର ଅନୁସୃତ ପନ୍ଥା) । ଏହାପରେ ଅଲ୍ଲାହ ପବିତ୍ର କୋରାନର ସୁରା ଅଲ୍ ହଜ୍‌ରେ ଏହି ଆୟତ ଅବତୀର୍ଣ୍ଣ କଲେ "ତୁମ୍ଭମାନଙ୍କ କୁରବାନୀ ପଶୁର ମାଂସ ବା ରକ୍ତ ଅଲ୍ଲାହଙ୍କ ଠାରେ ଗୃହୀତ ହୁଏ ନାହିଁ । ଯାହା ଗୃହୀତ ହୁଏ, ତାହା ହେଉଛି ଅଲ୍ଲାହଙ୍କ ପ୍ରତି ଭକ୍ତି ।"ଅନ୍ୟ ଧର୍ମାବଲମ୍ବୀଙ୍କର କୁରବାନୀ ପ୍ରଥା ଠାରୁ ଇସଲାମୀ କୁରବାନୀ ପ୍ରଥାରେ ପାର୍ଥକ୍ୟ ରହିଛି । ହଜରତ ମୁହମ୍ମଦ ସଲ୍ଲମଙ୍କ ଶିକ୍ଷାରେ ଅନୁପ୍ରାଣୀତ ହୋଇ ଏଯୁଗର କଳକୀ ଅବତାର ତଥା ଅହମଦୀୟା ମୁସଲିମ ସଂପ୍ରଦାୟର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ ନିଜ ପୁସ୍ତକ "ଖୁତ୍‌ବା ଇଲ୍‌ହାମିଆ"ରେ ବ୍ୟାଖ୍ୟା କରିଛନ୍ତି ଯେ ଯେଉଁବ୍ୟକ୍ତି ନିଜକୁ ଅଲ୍ଲାହ ପାଖରେ ଆତ୍ମ ସମର୍ପଣ କରିଦିଏ... । ସେ ହିଁ ପ୍ରକୃତ ମୁସଲମାନ ପଦବାଚ୍ୟ ।

ସୁତରାଂ ଏହି ଇଦ୍‌ର ଶିକ୍ଷା ହେଉଛି ତ୍ୟାଗର ମନଭାବ ନେଇ ପ୍ରଥମେ କିଛି ଅଲ୍ଲାହଙ୍କ ଉଦ୍ଦେଶ୍ୟରେ ଓ ମାନବ କଲ୍ୟାଣ ପାଇଁ ଉତ୍ସର୍ଗ କର । ଏହାପରେ ଯେଉଁ ଆନନ୍ଦ ମିଳେ ତାହା ହିଁ ପ୍ରକୃତ ଆନନ୍ଦ । ଇଦୁଲ୍ ଅଜ୍‌ହା ଆମକୁ କେବଳ ପଶୁବଳି ଦେବାର ଶିକ୍ଷା ଦେଇନଥାଏ,ବରଂ ଆମେ ନିଜର ଧନ-ଜନ, ମାନ-ସମ୍ମାନ, ଓ ସମୟର କୁରବାନୀ ଦେଇ ଅଲ୍ଲାହଙ୍କ ସାନିଧ୍ୟ ହାସଲ କରିବା ଓ ମାନବ କଲ୍ୟାଣ ପାଇଁ ନିଜକୁ ଉତ୍ସର୍ଗ କରିବା ପାଇଁ ମଧ୍ୟ ଶିକ୍ଷା ଦେଇଥାଏ । ଏହାହିଁ ହେଉଛି ସମୟର ଆହ୍ୱାନ ।

ମଙ୍ଗଳାବାଗ-କଟକ
୯୬୯୨୨୨୫୦୫୭

# ଆଜିର ସମାଜ ଏବଂ ଶିକ୍ଷାର ପ୍ରକୃତ ଉତ୍ସ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଶିକ୍ଷା ହେଉଛି ମାନବ ଜୀବନର ସର୍ବଶ୍ରେଷ୍ଠ ସମ୍ପତ୍ତି। ଶିକ୍ଷା ବିନା, ମାନବ ଜୀବନ ଅନ୍ଧକାର ଏବଂ ହଜିଯାଏ। ଶିକ୍ଷା ଜ୍ଞାନ, ଜ୍ଞାନ, ନୀତି, ସଂସ୍କୃତି ଏବଂ ସଚେତନତା ପ୍ରଦାନ କରେ। ଏହା ଜଣେ ବ୍ୟକ୍ତିକୁ ପଶୁତ୍ୱରୁ ମାନବିକତାରେ ପରିଣତ କରେ। ସେଥିପାଇଁ କୁହାଯାଏ ଯେ ଶିକ୍ଷା ହେଉଛି ଜୀବନର ଆଲୋକ। କିନ୍ତୁ ପ୍ରଶ୍ନ ଉଠେ ଯେ ଏହି ଶିକ୍ଷାର ପ୍ରକୃତ ଉତ୍ସ କ'ଣ ? ଶ୍ରେଣୀଗୃହ, ବିଦ୍ୟାଳୟ ଏବଂ ପୁସ୍ତକ ହିଁ କେବଳ ଶିକ୍ଷାର ଉତ୍ସ ନା ଆଉ କିଛି ଅଛି ଶିକ୍ଷାର ଉତ୍ସ । ଶିକ୍ଷାର ଉତ୍ସଗୁଡ଼ିକ ବିଶାଳ ଏବଂ ବ୍ୟାପକ-ଯେମିତି ପରିବାର, ସମାଜ, ପ୍ରକୃତି, ଅଭିଜ୍ଞତା, ସଂସ୍କୃତି, ଶିକ୍ଷକ, ପୁସ୍ତକ ଏବଂ ଜୀବନର ବିଭିନ୍ନ ଘଟଣାଗୁଡ଼ିକ ଶିକ୍ଷାର ପ୍ରକୃତ ଉତ୍ସ। ଶିକ୍ଷା କେବଳ ପୁସ୍ତକ ଜ୍ଞାନ ନୁହେଁ, ଏହା ଜଣେ ବ୍ୟକ୍ତିର ଆଧ୍ୟାତ୍ମିକ, ନୈତିକ, ମାନସିକ ଏବଂ ସାମାଜିକ ବିକାଶର ଏକ ସମ୍ପୂର୍ଣ୍ଣ ପ୍ରକ୍ରିୟା। ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଜଣେ ବ୍ୟକ୍ତିକୁ କିଛି ଶିଖାଏ। ତେଣୁ, ଶିକ୍ଷାର ପ୍ରକୃତ ଉତ୍ସକୁ ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ଶବ୍ଦଟି ସଂସ୍କୃତ ମୂଳ ଶିକ୍ଷା ରୁ ଆସିଛି ଯାହାର ଅର୍ଥ ଶିଖିବା କିମ୍ବା ଜ୍ଞାନ ହାସଲ କରିବା। ଶିକ୍ଷା ଜଣେ ବ୍ୟକ୍ତିର ଆଭ୍ୟନ୍ତରୀଣ ଶକ୍ତିକୁ ବୃଦ୍ଧି କରେ। ଏହା ଲୋକଙ୍କୁ ଭଲ ଏବଂ ମନ୍ଦ ମଧ୍ୟରେ ପାର୍ଥକ୍ୟ ବୁଝିବାରେ ସାହାଯ୍ୟ କରେ। ଜଣେ ଶିକ୍ଷିତ ବ୍ୟକ୍ତି ସମାଜର ପ୍ରଗତିରେ ଯୋଗଦାନ ଦିଅନ୍ତି ଏବଂ ଦେଶର ଭବିଷ୍ୟତ ଗଢ଼ିଥାନ୍ତି। ଶିକ୍ଷାର ଅର୍ଥ ହେଉଛି ଶରୀର, ମନ ଏବଂ ଆତ୍ମାର ସମନ୍ୱିତ ବିକାଶ। ଏହାର ଅର୍ଥ ହେଉଛି ଶିକ୍ଷା କେବଳ ପରୀକ୍ଷାରେ ଭଲ ନମ୍ବର ରଖିବା ନୁହେଁ ବରଂ ଏହା ଜଣେ ବ୍ୟକ୍ତିକୁ ସମ୍ପୂର୍ଣ୍ଣ ମଣିଷ ଭାବରେ ଗଢ଼ି ତୋଳିବାର ଏକ ମାଧ୍ୟମ। ପରିବାର ହେଉଛି ପିଲାର ପ୍ରଥମ ଶ୍ରେଣୀଗୃହ। ଜନ୍ମ ପରେ ଏକ ପିଲା ପ୍ରଥମେ ତାଙ୍କ ପିତାମାତାଙ୍କଠାରୁ ଶିଖେ। ମାତା ପିଲାକୁ କଥା କହିବା, ଚାଲିବା, ଭଲ ବ୍ୟବହାର କରିବା ଏବଂ ଭଲ ବ୍ୟବହାର କରିବା ଶିଖାନ୍ତି। ପିତା ପିଲାକୁ ନୀତି, ଶୃଙ୍ଖଳା ଏବଂ ଦାୟିତ୍ୱ ଶିଖାନ୍ତି। ପାରିବାରିକ ପରିବେଶ ପିଲାର ଚରିତ୍ର ଗଠନ କରେ। ଯଦି ପରିବାର ଭଲ ଆଚରଣ, ସତ୍ୟବାଦୀ ଏବଂ ସହଯୋଗ ଦ୍ୱାରା ବର୍ଣ୍ଣିତ ହୁଏ, ତେବେ ପିଲା ଏହି ଗୁଣଗୁଡ଼ିକ ଶିଖେ। ତେଣୁ ପରିବାରକୁ ଶିକ୍ଷାର ପ୍ରଥମ ଏବଂ ପ୍ରାଥମିକ ଉତ୍ସ ଭାବରେ ବିବେଚନା କରାଯାଏ। ଆମ ଭାରତୀୟ ସଂସ୍କୃତିରେ ମାତାଙ୍କୁ ପ୍ରଥମ ଗୁରୁ ଭାବରେ ବିବେଚନା କରାଯାଏ। ମାତାଙ୍କ କୋଳରୁ ପିଲାମାନେ ପ୍ରେମ, ଦୟା, ଭକ୍ତି ଏବଂ ଭଲ ବ୍ୟବହାର ଶିଖନ୍ତି। ତେଣୁ କୁହାଯାଏ ଯେ ପରିବାର ପରି ପିଲାମାନେ ମଧ୍ୟ ସେହିପରି। ଭାରତୀୟ ସଂସ୍କୃତିରେ ଗୁରୁଙ୍କର ସ୍ଥାନ ବହୁତ ଉଚ୍ଚ। ଗୁରୁ ଅଜ୍ଞତା ଦୂର କରନ୍ତି ଏବଂ ଜ୍ଞାନର ଆଲୋକ ପ୍ରଦାନ କରନ୍ତି। ପ୍ରାଚୀନ ଗୁରୁକୂଳ ଶିକ୍ଷା ବ୍ୟବସ୍ଥାରେ ଛାତ୍ରମାନେ ଗୁରୁଙ୍କ ପାଖରେ ରହି ଶିକ୍ଷା ପାଇଥିଲେ। ସେଠାରେ କେବଳ ପଠନ ଏବଂ ଲେଖା ନୁହେଁ ବରଂ ଚରିତ୍ର ଗଠନ ଏବଂ ଜୀବନଶୈଳୀ ବିଷୟରେ ମଧ୍ୟ ଶିକ୍ଷା ଦିଆଯାଇଥିଲା। ସ୍କୁଲ ହେଉଛି ଶିକ୍ଷାର ଏକ ସଂଗଠିତ କେନ୍ଦ୍ର ଯେଉଁଠାରେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଉପାୟରେ ଶିକ୍ଷା ଦିଆଯାଏ। ଆମେ ବିଷୟଗୁଡ଼ିକର ଜ୍ଞାନ ପାଇଥାଉ। ଗଣିତ, ବିଜ୍ଞାନ, ଇତିହାସ, ଭୂଗୋଳ, ସାହିତ୍ୟ ଇତ୍ୟାଦି ବିଷୟଗୁଡ଼ିକ ବ୍ୟକ୍ତିର ବୌଦ୍ଧିକ କ୍ଷମତାକୁ ବୃଦ୍ଧି କରନ୍ତି। ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳା, ନୀତିଶାସ୍ତ୍ର, ଦାୟିତ୍ୱ ଏବଂ ସାମାଜିକ ମୂଲ୍ୟବୋଧ ଶିଖାନ୍ତି। ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ କହିଥିଲେ ଯେ ଜଣେ ପ୍ରକୃତ ଶିକ୍ଷକ ହେଉଛନ୍ତି ଯିଏ ଛାତ୍ରଛାତ୍ରୀମାନଙ୍କୁ ଚିନ୍ତା କରିବାକୁ ଶିଖାନ୍ତି। ତେଣୁ ଶିକ୍ଷକ ଏବଂ ବିଦ୍ୟାଳୟ ଶିକ୍ଷାର ଏକ ମହାନ ଉତ୍ସ।

ମଣିଷ ସାମାଜିକ ପ୍ରାଣୀ । ସେମାନେ ସାମାଜିକ ପାରସ୍ପରିକ କ୍ରିୟା ମାଧ୍ୟମରେ ବହୁତ କିଛି ଶିଖନ୍ତି। ସମାଜ ସେମାନଙ୍କୁ ଆଚରଣ, ସହଯୋଗ, ସହନଶୀଳତା ଏବଂ ଦାୟିତ୍ୱ ଶିଖାଏ। ସମାଜର ବୃଦ୍ଧ, ପଡ଼ୋଶୀ, ବନ୍ଧୁ ଏବଂ ଅନ୍ୟମାନଙ୍କ ଆଚରଣ ସେମାନଙ୍କୁ ପ୍ରଭାବିତ କରେ। ଏକ ଭଲ ସମାଜ ସେମାନଙ୍କୁ ସଠିକ୍ ପଥରେ ନେଇଯାଏ ଯେତେବେଳେ ଏକ ଖରାପ ସମାଜ ସେମାନଙ୍କୁ ଏକ ଭିନ୍ନ ପଥ ଦେଇପାରେ। ବିଭିନ୍ନ ପର୍ବପର୍ବାଣୀ, ଧାର୍ମିକ କାର୍ଯ୍ୟକ୍ରମ ଏବଂ ସାମାଜିକ ରୀତି ମଧ୍ୟ ଶିକ୍ଷାର ଉତ୍ସ। ସେମାନେ ସେମାନଙ୍କୁ ଏକତା, ଭାଇଚାରା ଏବଂ ସଂସ୍କୃତି ବିଷୟରେ ଶିକ୍ଷା ଦିଅନ୍ତି। ପ୍ରକୃତି ହେଉଛି ଶିକ୍ଷାର ସର୍ବୋତ୍ତମ ଏବଂ ସ୍ଥାୟୀ ଉତ୍ସ। ପ୍ରକୃତିରେ ଥିବା ପ୍ରତ୍ୟେକ ଜିନିଷ ଆମକୁ କିଛି ନା କିଛି ଶିଖାଏ। ସୂର୍ଯ୍ୟ ଆମକୁ ନିୟମିତତା ଏବଂ କର୍ତ୍ତବ୍ୟ ଶିଖାଏ। ନଦୀ ଆମକୁ ନିରନ୍ତର ଚାଲିବା ଏବଂ ଦାନ ଶିଖାଏ। ଗଛ ଆମକୁ ନିସ୍ୱାର୍ଥପର ସେବା ଶିଖାଏ। ପକ୍ଷୀ ଆମକୁ ଏକତା ଏବଂ ସ୍ୱାଧୀନତା ଶିଖାଏ। ପ୍ରକୃତି ଆମକୁ ସହନଶୀଳତା, ସମାନତା ଏବଂ ସମନ୍ୱୟ ଶିଖାଏ। ତେଣୁ ପ୍ରକୃତିକୁ ଶିକ୍ଷାର ଅନନ୍ତ ଶିକ୍ଷକ କୁହାଯାଏ। ଅଭିଜ୍ଞତା ହେଉଛି ଜୀବନର ସର୍ବୋତ୍ତମ ଶିକ୍ଷକ। ଲୋକମାନେ ସଫଳତା ଏବଂ ବିଫଳତାରୁ ବହୁତ କିଛି ଶିଖନ୍ତି। ଅଭିଜ୍ଞତା ପୁସ୍ତକ ଅପେକ୍ଷା ଅଧିକ ଶିଖାଏ। ଜୀବନର ଦୁଃଖ, କଷ୍ଟ, ସଂଘର୍ଷ ଏବଂ ବିପଦ ଜଣେ ବ୍ୟକ୍ତିକୁ ଶକ୍ତିଶାଳୀ କରିଥାଏ। ବିଫଳତା ଜଣେ ବ୍ୟକ୍ତିକୁ ପୁଣି ଥରେ ଚେଷ୍ଟା କରିବାକୁ ପ୍ରେରଣା ଦିଏ। ଯେଉଁମାନେ ଜୀବନରେ ବହୁତ ସଂଘର୍ଷ କରିଛନ୍ତି ସେମାନେ ଅଧିକ ଜ୍ଞାନୀ ଏବଂ ଅଧିକ ଅଭିଜ୍ଞ ହୋଇଯାଆନ୍ତି। ଅଭିଜ୍ଞତା ଜଣେ ବ୍ୟକ୍ତିକୁ ସଠିକ୍ ନିଷ୍ପତ୍ତି ନେବା ପାଇଁ ସଶକ୍ତ କରିଥାଏ। ସେଥିପାଇଁ କୁହାଯାଏ ଯେ ଅଭିଜ୍ଞତା ହେଉଛି ସର୍ବୋତ୍ତମ ବିଦ୍ୟାଳୟ। ପ୍ରତ୍ୟେକ ଦେଶର ସଂସ୍କୃତି ଏବଂ ପରମ୍ପରା ମଣିଷକୁ ନୈତିକ ଶିକ୍ଷା ଦିଏ। ଭାରତୀୟ ସଂସ୍କୃତି ସତ୍ୟ, ଅହିଂସା, ପ୍ରେମ, ସେବା ଏବଂ ସହନଶୀଳତା ଶିଖାଏ। ପର୍ବପର୍ବାଣୀ, ଲୋକଗୀତ, ଲୋକକଥା ଏବଂ ପୁରାଣ ପିଲାମାନଙ୍କୁ ନୈତିକତା ଏବଂ ନୀତି ଶିକ୍ଷା ଦିଏ। ଆମର ପରମ୍ପରା ଆମକୁ ବଡ଼ମାନଙ୍କୁ ସମ୍ମାନ କରିବା, ଅତିଥିମାନଙ୍କର ସେବା କରିବା ଏବଂ ସମସ୍ତଙ୍କ ସହିତ ଭଲ ବ୍ୟବହାର କରିବା ଶିଖାଏ।

ସଂସ୍କୃତି ହେଉଛି ଏକ ଜାତିର ଆତ୍ମା। ଏହା ଜଣେ ବ୍ୟକ୍ତିକୁ ତାଙ୍କ ମୂଳ ସହିତ ଯୋଡ଼ି ରଖିଥାଏ। ଆଜିର ଯୁଗରେ ପ୍ରଯୁକ୍ତିବିଦ୍ୟା ଏବଂ ଗଣମାଧ୍ୟମ ମଧ୍ୟ ଶିକ୍ଷାର ଏକ ପ୍ରମୁଖ ମାଧ୍ୟମ ପାଲଟିଛି। ଲୋକମାନେ ଟେଲିଭିଜନ, ଇଣ୍ଟରନେଟ୍, ମୋବାଇଲ୍ ଫୋନ୍ ଏବଂ ଖବରକାଗଜ ମାଧ୍ୟମରେ ବିଭିନ୍ନ ସୂଚନା ପାଇପାରୁଛନ୍ତି। ଅନଲାଇନ୍ ଶିକ୍ଷା ବ୍ୟବସ୍ଥା ଶିକ୍ଷାକୁ ସହଜ ଏବଂ ସୁଲଭ କରିଛି। ଛାତ୍ରଛାତ୍ରୀମାନେ ନିଜ ଘରର ଆରାମରୁ ଦେଶ ଏବଂ ବିଦେଶ ବିଷୟରେ ସୂଚନା ପାଇପାରିବେ। କିନ୍ତୁ ପ୍ରଯୁକ୍ତିର ଅତ୍ୟଧିକ ବ୍ୟବହାର କେତେକ ସମୟରେ ନକାରାତ୍ମକ ପରିଣାମ ଆଣିପାରେ। ତେଣୁ ଠିକ୍ ଏବଂ ଭୁଲର ସ୍ପଷ୍ଟ ବୁଝାମଣା ସହିତ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ଗୁରୁତ୍ୱପୂର୍ଣ୍ଣ। ଜୀବନ ନିଜେ ଏକ ବିରାଟ ବିଦ୍ୟାଳୟ । ଜୀବନର ପ୍ରତ୍ୟେକ ଘଟଣା ଜଣେ ବ୍ୟକ୍ତିକୁ କିଛି ନା କିଛି ଶିଖାଏ। ମଣିଷ ଶୈଶବରୁ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ଶିଖେ। ଏହି ଶିକ୍ଷାର କୌଣସି ଶେଷ ନାହିଁ। ଜୀବନ ଆମକୁ ସଂଘର୍ଷ, ସହ୍ୟ, ପ୍ରେମ ଏବଂ ପ୍ରଗତି ଶିଖାଏ। ପ୍ରତ୍ୟେକ ବ୍ୟକ୍ତି ଏବଂ ଆମେ ସମ୍ମୁଖୀନ ହେଉଥିବା ପ୍ରତ୍ୟେକ ଅଭିଜ୍ଞତା ଆମର ଶିକ୍ଷକ ହୋଇଯାଏ। ସେଥିପାଇଁ କୁହାଯାଏ ଯେ ଜୀବନ ହେଉଛି ଶିକ୍ଷା, ଏବଂ ଶିକ୍ଷା ହେଉଛି ଜୀବନ। ଆଜିର ସମାଜରେ ଅନେକ ଲୋକ କେବଳ ପୁସ୍ତକ ଜ୍ଞାନକୁ ଶିକ୍ଷା ବୋଲି ଭାବନ୍ତି। କିନ୍ତୁ ପ୍ରକୃତ ଶିକ୍ଷା ହେଉଛି ସେହି ଶିକ୍ଷା ଯାହା ଜଣେ ବ୍ୟକ୍ତିକୁ ଭଲ ବ୍ୟକ୍ତି କରିଥାଏ। ଯଦି ଜଣେ ବ୍ୟକ୍ତି ଉଚ୍ଚଶିକ୍ଷିତ କିନ୍ତୁ ନୀତିର ଅଭାବ ଥାଏ ତେବେ ସେହି ଶିକ୍ଷା ଅର୍ଥହୀନ। ତେଣୁ ଶିକ୍ଷାର ପ୍ରକୃତ ଉତ୍ସକୁ ବୁଝି ଜୀବନରେ ଗ୍ରହଣ କରିବା ଗୁରୁତ୍ୱପୂର୍ଣ୍ଣ। ପରିବାର ସମାଜ, ପ୍ରକୃତି ଏବଂ ଅଭିଜ୍ଞତାରୁ ପ୍ରାପ୍ତ ଶିକ୍ଷା ଜଣେ ବ୍ୟକ୍ତିକୁ ସମ୍ପୂର୍ଣ୍ଣ ମଣିଷ କରିଥାଏ। ଶିକ୍ଷା ହେଉଛି ମାନବ ଜୀବନର ଆଲୋକ। ଏହା ଜଣେ ବ୍ୟକ୍ତିକୁ ଅଜ୍ଞତାର ଅନ୍ଧକାରରୁ ଜ୍ଞାନର ଆଲୋକ ଆଡ଼କୁ ନେଇଯାଏ। ଶିକ୍ଷାର ପ୍ରକୃତ ଉତ୍ସ କେବଳ ପୁସ୍ତକ କିମ୍ବା ବିଦ୍ୟାଳୟ ନୁହେଁ - ଏହା ପରିବାର, ଶିକ୍ଷକ, ସମାଜ, ପ୍ରକୃତି, ଅଭିଜ୍ଞତା, ସଂସ୍କୃତି ଏବଂ ଜୀବନରେ ମଧ୍ୟ ମିଳିଥାଏ। ଜଣେ ପ୍ରକୃତ ଶିକ୍ଷିତ ବ୍ୟକ୍ତି ହେଉଛନ୍ତି ଯିଏ ଜୀବନର ପ୍ରତ୍ୟେକ ଅଭିଜ୍ଞତାରୁ ଶିକ୍ଷା ପାଏ। ଶିକ୍ଷା କେବଳ ଜଣେ ବ୍ୟକ୍ତିକୁ ବୁଦ୍ଧିମାନ କରିଥାଏ ନାହିଁ ବରଂ ସତ୍ୟବାଦୀ, ନୈତିକ, ଦୟାଳୁ ଏବଂ ସଂସ୍କାରୀ ମଧ୍ୟ କରିଥାଏ। ଯେଉଁଠାରେ ଜ୍ଞାନ, ନୈତିକତା ଏବଂ ମାନବତାର ଆଲୋକ ଥାଏ ସେଠାରେ ଶିକ୍ଷାର ପ୍ରକୃତ ଉତ୍ସ ଥାଏ ଯାହା ଚିରନ୍ତନ ସତ୍ୟ ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ -
୮୨୪୯୫୦୨୭୭୬

ପ୍ରତିଶବ୍ଦ TV

ଭୁବନେଶ୍ୱର, ୨୧ ଜୁନ୍ ୨୦୨୬

# ଶ୍ରୀଶ୍ରୀଶ୍ରୀ ଭଗବତୀ ମହାଲକ୍ଷ୍ମୀ ଗଣେଶ ସରସ୍ୱତୀ ମା' ଙ୍କ ଦେବତାଧିବାସ ସହ ମହାସ୍ନାନ



**ବ୍ରହ୍ମପୁର,୨୦।୬ :** ମହାନଗର ନିଗମ ୧୫ ନମ୍ବର ୱାର୍ଡ଼ ଅଧୀନ ରାମକୃଷ୍ଣନଗର ପଞ୍ଚମ ଲାଇନ୍‌ରେ ପାଞ୍ଚ ଦିନ ବ୍ୟାପୀ ଭଗବତୀ ମହାଲକ୍ଷ୍ମୀ, ଗଣେଶ ଓ ସରସ୍ୱତୀଙ୍କ ବିଗ୍ରହ ଏବଂ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ବେଳେ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ ଏହି ପୂଜାର୍ଚ୍ଚନା। ଏହି ଅବସରରେ ମହାସ୍ନାନ, ଦେବତା ସସ୍ତିକ ମଣ୍ଡଳେ ଶୟନ, ମଣ୍ଡଳ ପୂଜା, ଘୃତଯଜ୍ଞ ଓ ଜୀବନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ପୂଜକ ଅଶୋକ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ଓ ନୀତି ଜାରି ରହିଛି। ମନ୍ଦିର ପରିଚାଳନା କମିଟି ସଭାପତି ଆର.ମୁରଲୀ ମୋହନ ଓ ପତ୍ନୀ ତଥା ସ୍ଥାନୀୟ କର୍ପୋରେଟର ଆ ?.ପାଢ୍ୱୀନୀଙ୍କ ସମେତ କମିଟି ସଦସ୍ୟ ମାନଙ୍କ ନେତୃତ୍ୱ ରେ ପ୍ରତିଷ୍ଠାରମ୍ଭ, ବ୍ରାହ୍ମଣବରଣ, ଶାଳା ସଂସ୍କାର, ମଣ୍ଡଳପୂଜା, ବୈଦିକାଗ୍ନି ସ୍ଥାପନ ଓ ଦେବତାଧିବାସ, ପୂଜାର୍ଚ୍ଚନା ହୋଇସାରିଛି। ଦେବତାଧିବାସ କାର୍ଯ୍ୟକ୍ରମରେ ଶ୍ରୀ ମା ଭଗବତୀ ମହାଲକ୍ଷ୍ମୀ,ଗଣେଶ,ସରସ୍ୱତୀ ମାଆଙ୍କୁ ହଳଦୀ, ଚନ୍ଦନ, ସିନ୍ଦୂର, କଜଳ, ଅରୁଆଚାଉଳ,ଧୁବ, ଫୁଲ,ଫଳ, ନବଧାନ, ଧୂପରେ ଆଦି ଦ୍ରବ୍ୟ ରେ ପୂଜା କରାଯାଇଥିଲା। ଆଜି ଭଗବତୀ ମହାଲକ୍ଷ୍ମୀ ଗଣେଶ ସରସ୍ୱତୀ ମା ଙ୍କର ମହାସ୍ନାନ,ଦେବତା ସସ୍ତିକ ମଣ୍ଡଳେ ଶୟନ,ମଣ୍ଡଳ ପୂଜା, ଘୃତଯଜ୍ଞ ଓ ଜୀବନ୍ୟାସ ପୂଜାର୍ଚ୍ଚନା ହୋଇଛି। ମହାସ୍ନାନ ରେ କ୍ଷୀର,ଦହି, ମହୁ,ନବାତ, ଘିଅ,ପଇଡ଼ ପାଣିରେ ଆଦି ଦ୍ରବ୍ୟ ରେ ପୂଜା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଚାରି ଦିନ ହେଲା ମନ୍ଦିର ପ୍ରତିଷ୍ଠା ଚାଲିଥିବା ବେଳେ ପ୍ରତିଦିନ ହାଜର ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଅର୍ଣ୍ଣ ପ୍ରସାଦ ର ବ୍ୟବସ୍ଥା କରାଯାଉଛି ତତସହ ବଡ ବଜାର ତିନିଗୋଟି ପଟା ରିକ୍ସା ସଂଘର ସଦସ୍ୟ ମାନଙ୍କ ସହ ଆଖପାଖ ଅଞ୍ଚଳର ବହୁ ଭକ୍ତ ମାନଙ୍କ ସହଯୋଗରେ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମରେ ସ୍ୱେଚ୍ଛାକୃତ ସେବା ଦେଇଥିବାରୁ ସେମାନଙ୍କୁ କମିଟି ସଭାପତି ଆର ମୂରଲୀ ମୋହନଙ୍କ ସାଧୁବାଦ ଜଣାଇଥିଲେ। ସେପଟେ ମା ଙ୍କ ବିଗ୍ରହ ପ୍ରତିଷ୍ଠା ହୋଇଥିବା ବେଳେ ଆଜି ମା ଙ୍କ ଆଶ୍ରୀର୍ବାଦ ରୁ ବ୍ରହ୍ମପୁର ସହର ରେ ବର୍ଷା ହୋଇଛି ଓ ପ୍ରବଳ ଗୁଳୁଗୁଳି ରୁ ମୁକ୍ତି ପାଇଛନ୍ତି ସହରବାସୀ ।

# ବିକାଶର ଧାରା ଓଡିଶା ସାରା କୃଷକଙ୍କ କର୍ମଶାଳା

**ବ୍ରହ୍ମପୁର,୨୦।୬ :** ସରକାର ଙ୍କ ବିକାଶଧାରା ରେ ବିଗତ କୃଷକ ମୋର୍ଚ୍ଚା ସଭାପତି,ରାଜ୍ୟ ସଭାପତି ମନମୋହନ ସାମଲ ନେତୃତ୍ୱ ରେ ଓଡିଶା ର ପ୍ରତେକ ବ୍ଲକ ରେ ଚାଷୀ ମାନଙ୍କୁ ନେଇ ଜୈବିକ ଚାଷ ଓ ସରକାର ଚାଷୀଙ୍କ ପାଇଁ ଆସୁଥିବା ସୁବିଧା କୁ ପ୍ରତୀକ ଚାଷୀଙ୍କ ପାଖରେ କିପରି ଉପଲଧି ହେବ ତାହାରି ପାଇଁ ରାଜ୍ୟ କୃଷି ମନ୍ତ୍ରୀ ଙ୍କ ନିର୍ଦ୍ଦେଶ କ୍ରମେ ପ୍ରତେକ କୃଷି ବିଭାଗ କୁ ପରାମର୍ଶ ଦେଇଥିଲେ ଆଜି ବି ଜେ ପି ରାଜ୍ୟରେ ଶାସନ କଳାପରେ ପ୍ରତେକ ବ୍ଲକ ଅଫିସ ରେ ବି ଡି ଓ ଙ୍କ ସହ ପ୍ରତେକ କୃଷି ବିଭାଗ ର ଚାଷୀ ମାନଙ୍କୁ ବ୍ଲକ କୁ ଡାକି ସମସ୍ତ ଜ୍ଞାନ କୌଶଳ ଦେଇଥିଲେ ଗଞ୍ଜାମ ଜିଲ୍ଲା ସଭାପତି ସୂର୍ଯ୍ୟନାରାୟଣ ଦାସ ଙ୍କ ଅଧକ୍ଷତା ରେ ଗଞ୍ଜାମ ର ପ୍ରତେକ ବ୍ଲକ ରେ କର୍ମଶାଳା ହୋଇଥିଲା କୃଷକ ମୋର୍ଚ୍ଚା ର ଅଧକ୍ଷ ସୂର୍ଯ୍ୟନାରାୟଣ ଦାସ କୁକୁଡାଖଣ୍ଡି ବ୍ଲକ ରେ ଅଧକ୍ଷ୍ୟତା ବେଳେ ବ୍ଲକ ର ଚାଷୀ ମାନଙ୍କୁ ଡାକିବାରେ ସଭାପତି ଅହିଂସା ସାହୁ ଓ ସାଧାରଣ ସମ୍ପାଦକ ବଦ୍ରୀନାଥ ସାବତ ଯୋଗ ଦେଇଥିଲେ ପାତ୍ରପୁର ଠାରେ ଉପସଭାପତି ଅଜିତ ପ୍ରଧାନ,ଦିଗପହଣ୍ଡି ଠାରେ ସମ୍ପାଦକ ରଘୁନାଥ ସାମନ୍ତରାୟ,ଓ ଦେବଦତ୍ତ ମହାରାଜ,ସେହିପରି ଗଞ୍ଜାମ ବ୍ଲକ ଠାରେ ଉପସଭାପତି ରଘୁନାଥ ସାହୁ ଓ ଉପସଭାପତି ଅଶ୍ୱିନୀ ରଥ,ସମ୍ପାଦକ କାହ୍ନୁ। କାୟା ରେଡ୍ଡି,ସହଯୋଗ କରିଥିଲେ ଛତ୍ରପୁର ଠାରେ ସାଧାରଣ ସମ୍ପାଦକ ବିଜୟ ମୁଦୁଲି ଓ ଚିକିଟି ଏନ ଏ ସି ରଂଜିତ ପ୍ରଧାନ ବ୍ଲକ ଠାରେ ପ୍ରତେକ ଅଫିସର ଜୈବିକ ଚାଷ ଉପରେ ଜ୍ଞାନ କୌଶଳ ଦେବା ସହ ପ୍ରତେକ ଚାଷୀ ଙ୍କ ପାଖକୁ କିପରି ସରକାର ସହଯୋଗ ଆସୁଥିବା ଯୋଜନା ଉପଲବ୍ ହେବ ତାହାରି ଉପରେ ଦୃଷ୍ଟିଗୋଚର କରିଥିଲେ।



# ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ୨୩ତମ କିସ୍ତି ବିତରଣ

## ଗଞ୍ଜାମ ଜିଲ୍ଲାର ୧, ୭୦, ୨୯୫ ଜଣ ହିତାଧିକାରୀଙ୍କୁ ମିଳିଲା ୩୪ କୋଟି ୫ଲକ୍ଷ ୯୦ ହଜାର ଟଙ୍କା

**ଛତ୍ରପୁର,୨୦।୬ :** ଆଜି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ)ର ୨୩ତମ କିସ୍ତି ପ୍ରଦାନ କରାଯାଇଛି। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ଯୋଗ୍ୟ କୃଷକ ପରିବାରମାନଙ୍କ ଖାତାକୁ ୨ ହଜାର ଟଙ୍କା ଲେଖାଏଁ ସିଧାସଳଖ ପ୍ରେରଣ କରାଯାଇଛି। ଗଞ୍ଜାମ ଜିଲ୍ଲାର ୧,୭୦,୨୯୫ ଜଣ ହିତାଧିକାରୀଙ୍କୁ ୨ ହଜାର ଟଙ୍କା ଲେଖାଏଁ ମୋଟ ୩୪ କୋଟି ୫ ଲକ୍ଷ ୯୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିପରି ରାଜ୍ୟର ୩୪.୬ ଲକ୍ଷରୁ ଅଧିକ କୃଷକ ପରିବାରଙ୍କୁ ୬୯୩ କୋଟି ଟଙ୍କାର ଆର୍ଥିକ ସହାୟତା ମିଳିଛି। ଏହା କୃଷକମାନଙ୍କୁ କୃଷି କାର୍ଯ୍ୟରେ ସହାୟକ ହେବ। ଶନିବାର ପଶ୍ଚିମବଙ୍ଗର ହୁଗୁଳି ଜିଲ୍ଲାର ତାରକେଶ୍ୱର ଠାରେ ଆୟୋଜିତ ଜାତୀୟସ୍ତରର ପିଏମ କିଷାନ ଉତ୍ସବ ଦିବସ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୃଷକ ପରିବାରମାନଙ୍କୁ ପିଏମ୍-କିଷାନର ଏହି କିସ୍ତି ଅର୍ଥ ଡିବିଟି ମାଧ୍ୟମରେ ପ୍ରଦାନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆଭାସୀ ମାଧ୍ୟମରେ ଦେଶର କୃଷକମାନଙ୍କୁ ଉଦ୍ ?ବୋଧନ କରିବା ସହ ପ୍ରାକୃତିକ ପ୍ରଣାଳୀରେ ଚାଷ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାର ସଦର ମହକୁମା ଛତ୍ରପୁରସ୍ଥିତ ଜିଲ୍ଲାପରିଷଦର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲାସ୍ତରୀୟ ପିଏମ କିଷାନ ଉତ୍ସବ ସମାରୋହରେ ପଶ୍ଚିମବଙ୍ଗର ତାରକେଶ୍ୱରରୁ ସିଧା ପ୍ରସାରଣ ଏଲଏଇଡି ପରଦା ମାଧ୍ୟମରେ ପ୍ରସାରିତ




ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଶୁଣି ଜିଲ୍ଲାର କୃଷକ ଭାଇଭଉଣୀମାନେ ଖୁସି ଜାହିର କରିଥିଲେ। ସୂଚନା ଯୋଗ୍ୟ ଯେ, ପିଏମ୍-କିଷାନ ଯୋଜନାରେ କେନ୍ଦ୍ର ସରକାର ପ୍ରତି କୃଷକଙ୍କୁ ବାର୍ଷିକ ୬୦୦୦ ଟଙ୍କା ୩ଟି କିସ୍ତିରେ ପ୍ରଦାନ କରୁଛନ୍ତି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା ଏକ କୃଷକ କଲ୍ୟାଣକାରୀ ଯୋଜନା ଅଟେ। ଖରିଫ ଓ ରବି ଚାଷ ଋତୁ ଆରମ୍ଭ ପୂର୍ବରୁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ବିହନ, ସାର ଓ ଔଷଧ କ୍ରୟ କରିବା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିବା ହେଉଛି ଏହି ଯୋଜନାର ମୂଳ ଲକ୍ଷ୍ୟ । ପ୍ରଧାନମନ୍ତ୍ରୀ ୨୦୧୯ ମସିହା ୨ଫେବୃଆରୀରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ।

ଏହି ଅବସରରେ ଗଞ୍ଜାମର ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, କୃଷି ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର ଓ ସଂଯୋଜିତ ବିଭାଗର ଅଧିକାରୀ ଯଥା ପ୍ରଶାନ୍ତ କୁମାର ନାଥ, ହେମନ୍ତ ଦାସ, ଶରତ କୁମାର ଦାସ, ସତ୍ୟବ୍ରତ ଦାସ, ହିମାଞ୍ଚଳ ସାହୁ, ଭରତ ଭୂଷଣ ସାହୁ, ଯୁନ୍ମୟୀ ମହାନ୍ତି, ଡକ୍ଟର ଏସ୍.କେ ନାୟକ, କୃଷକ ମୋର୍ଚ୍ଚାର ଜିଲ୍ଲା ସଭାପତି ସୂର୍ଯ୍ୟ ନାରାୟଣ ଦାଶ, ସମେତ କୃଷି ବିଭାଗର ଅଧିକାରୀ, ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା କୃଷକ ଏବଂ ହିତାଧିକାରୀମାନେ ଉପସ୍ଥିତ ଥିଲେ। କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିଲା।

ବ୍ଲକଭିତ୍ତିକ ହିତାଧିକାରୀଙ୍କ ମଧ୍ୟରେ ଦିଗପହଣ୍ଡି ବ୍ଲକର ସର୍ବାଧିକ ୧୪,୨୭୭ କୃଷକ ପରିବାର ଏହି କିସ୍ତିର ସୁବିଧା ପାଇଥିବା ବେଳେ ସାନଖେମୁଣ୍ଡିରେ ୧୧,୩୩୨, ଖଲ୍ଲିକୋଟରେ ୧୦,୨୨୬, ସେରଗଡ଼ରେ ୯,୯୬୭ ଏବଂ ଜଗନ୍ନାଥପ୍ରସାଦରେ ୮,୯୯୫ ଜଣ କୃଷକ ଉପକୃତ ହୋଇଛନ୍ତି। ସେହିପରି ପୋଲସରାରେ ୮,୭୪୦, ପୁରୁଷୋତ୍ତମପୁରରେ ୮,୬୪୦, ବେଗୁନିଆପଡ଼ାରେ ୮,୬୧୮, ସୁରଡ଼ାରେ ୮,୨୮୫ ଏବଂ ଆସିକାରେ ୮,୧୯୪ ଜଣ କୃଷକ ପରିବାରଙ୍କ ଖାତାକୁ ସହାୟତା ରାଶି ପହଞ୍ଚିଛି। ଜିଲ୍ଲାର ସମସ୍ତ ୨୨ଟି ବ୍ଲକର ଯୋଗ୍ୟ କୃଷକପରିବାରମାନେ ଏହି ଯୋଜନାର ସୁବିଧା ପାଇଛନ୍ତି। ଆସନ୍ତା ଖରିଫ ଋତୁରେ ଏହି ସହାୟତା ରାଶି କୃଷକମାନଙ୍କୁ ବିହନ, ସାର ଓ କୃଷି ଉପକରଣ କ୍ରୟରେ ସହାୟକ ହେବ।

ସିଏମ୍-କିଷାନ ଯୋଜନାରେ ଥାଇ ମଧ୍ୟ ପିଏମ୍-କିଷାନରୁ ବଞ୍ଚିତ ଥିବା ଯୋଗ୍ୟ ଚାଷୀମାନଙ୍କୁ ସାମିଲ କରିବା ପାଇଁ ଜିଲ୍ଲାରେ ପିଏମ୍-କିଷାନ ସାଚୁରେସନ ଡ୍ରାଇଭ୍ ଚାଲିଛି। ସେହିପରି ଏହି ଯୋଜନାରେ ସାମିଲ ହେବା ପାଇଁ ଏଗ୍ରି-ଷ୍ଟାକ୍ କୃଷକ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଛି। ଏଗ୍ରି-ଷ୍ଟାକ୍ ହେଉଛି କୃଷକଙ୍କ ପାଇଁ ଏକ ସମନ୍ୱିତ ଡିଜିଟାଲ ବ୍ୟବସ୍ଥା, ଯାହା ମାଧ୍ୟମରେ କୃଷି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ସେବାକୁ ଏକ ପ୍ଲାଟଫର୍ମରେ ଯୋଡ଼ାଯାଏ।

# ବିକାଶ ଧାରା ଓଡିଶା ସାରାରେ କୃଷିସମ୍ବାଦ

**ଚିକିଟି,୨୦।୬ :** ଏହି ବ୍ଲକର ସମ୍ମିଳନୀ କକ୍ଷରେ ଆଜି ବିକାଶଧାରାରେ ଓଡ଼ିଶା ସାରା ରେ କୃଷି ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଠାରେ ପାରମ୍ପରିକ ରୀତିରେ ଉଦ୍‌ଘାଟନ ହେବା ପାରେ ବରିଷ୍ଟଙ୍କ ମଂଚାସୀନ ହୋଇ ସଭାକାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିଲା । ଏହି କ୍ରମରେ ଗୋଷ୍ଠୀଉନ୍ନୟନ ଅଧିକାରୀ ବିବେକାନନ୍ଦ ମିଶ୍ର,ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଚକ୍ରଧର ପ୍ରଧାନ,ମତ୍ସ ଅଧିକାରୀ ସୁମିତା ରାଉତ ରାୟ, ବ୍ଲକକୃଷି ଅଧିକାରୀ ଚିନ୍ମୟୀ ସାହୁ, ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ ଆଲୋକ ବେହେରା, ବ୍ଲକ ପଶୁସମ୍ପଦ ଅଧିକାରୀ ଡ଼ା.ସୁପ୍ରଭା ସେଠୀ,ଅତିରିକ୍ତ ପଶୁସମ୍ପଦ ଅଧିକାରୀ ଡ଼ା.ଏସ. କେ ରେଡ୍ଡୀ,ବିଧାୟକ ପ୍ରତିନିଧି ଦେବଦତ୍ତ ପଣ୍ଡା ପ୍ରମୁଖ ମଂଚାସୀନ ହୋଇଥିବା ବେଳେ କାର୍ଯ୍ୟକ୍ରମର ମୁଖ୍ୟ ବ୍ଲକ କୃଷି ଆଧିକାରୀଙ୍କ କିଛି ବାଣୀ ଚାଷୀମାନଙ୍କ ପାଇଁ ରାମ ବାଣ ହୋଇଥିବା ଦେଖିବାକୁ ମିଳିଥିଲା । ଅଧିକାରୀ ଜଣକ ସମସ୍ତ ଚାଷୀମାନଙ୍କୁ ସମନ୍ୱିତ ପ୍ରଣାଳୀ ପ୍ରକାରେ ଚାଷ କଲେ ଚାଷୀ ଅଧିକ ଲାଭବନା ହେବା ବ୍ୟତୀତ ତାର ସମସ୍ତ ଫାଇଦା ପାଇପାରିବ । ପରେ ପରେ ପାରମ୍ପରିକ ରୀତିରେ ବିହନ ସଂଗ୍ରକ୍ଷଣ କରି ରୀତି ନୀତି ଅନୁଯାଇ ଚାଷୀ ଚାସ କରିବା ଦ୍ୱାରା ଶସ୍ୟର ଉତ୍ତମ ମାନ ବଜାଇ ହୋଇ ରହିଥାଏ । ନିଜ ଚାଷ ଜମିରେ କିଭଳି ରାସାୟାନିକ ସାର କମ ବ୍ୟବହାର କରି ଶୃଙ୍ଖଳା ବୋଧ ଭାବରେ ଚାଷ ପ୍ରଣାଳୀକୁ ବଦଳି କରି ଧାନ ପାରେ,ମୁଗ, ବିରି,ବାଡାମ,ରାଶି ଆଦି ତୈଳ ଜାତୀୟ ଚାସ କରିବା ଦ୍ୱାରା ଚାଷୀ ନିଜର ଆର୍ଥିକ ସ୍ୱଛଳ ଆଣିପାରିବ ବୋଲି ମଧ ପ୍ରକାଶ କରିଥିଲେ । ଏତଦ ବ୍ୟତୀତ ପଶୁପାଳନ,ଗୋପାଳନ ମଧ ଚାଷୀର ଉତ୍ତମ ରୋଜଗାରର ମାଧ୍ୟମ ବୋଲି ମଧ ପ୍ରକାଶ କରିଥିଲେ । ଏଭଳି ସ୍ଥିତିରେ ଚାଷୀ ଖୁସି ରହିଲେ ସଂସାର ଖୁସି ବୋଲି ମଧ ପ୍ରକାଶ କରିଥିଲେ ।

# ଇଣ୍ଡିଆ ହାବିଟାଟ୍ ସେଣ୍ଟରରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

## ଓଡ଼ିଶାର ଲୋକକଳା, ସାହିତ୍ୟ ଓ ପରମ୍ପରାର ଭବ୍ୟ ଉତ୍ସବ

**ବ୍ରହ୍ମପୁର,୨୦।୬ :** ଓଡ଼ିଶାର ସମୃଦ୍ଧ ସାହିତ୍ୟିକ ଓ ସାଂସ୍କୃତିକ ଐତିହ୍ୟକୁ ଜାତୀୟ ସ୍ତରରେ ଉପସ୍ଥାପନ କରିବା ଉଦ୍ଦେଶ୍ୟରେ 'ଅନ୍ୱେଷା କଳା କେନ୍ଦ୍ର 'ପକ୍ଷରୁ ଇଣ୍ଡିଆ ହାବିଟାଟ୍ ସେଣ୍ଟର, ନୂଆଦିଲ୍ଲୀରେ 'ସ୍ୱପ୍ନିଳ ଓଡ଼ିଶା, ଭାରତ ସ୍ମୃତିରେ" ଶୀର୍ଷକ ଏକ ବର୍ଣ୍ଣାଢ୍ୟ ସାଂସ୍କୃତିକ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସାହିତ୍ୟ, ସଙ୍ଗୀତ, ନୃତ୍ୟ, ଲୋକକଳା, ହସ୍ତତନ୍ତ, ହସ୍ତଶିଳ୍ପ ଓ ଖାଦ୍ୟ ପରମ୍ପରାର ଏକ ଅନନ୍ୟ ସମାଗମ ଦେଖିବାକୁ ମିଳିଥିଲା। କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନ୍ୱେଷା କଳା କେନ୍ଦ୍ରର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଏଭଳି ସଂଗଠନ ଓ ଉଦ୍ୟମ ଭାରତର ସମୃଦ୍ଧ ଆଞ୍ଚଳିକ ସଂସ୍କୃତି ଓ ସାହିତ୍ୟିକ ପରମ୍ପରାକୁ ନୂତନ ପିଢ଼ି ସହିତ ଯୋଡ଼ିବାରେ ଅମୂଲ୍ୟ ଭୂମିକା ନିଭାଉଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେନ୍ଦ୍ରୀୟ ସୂଚନା ଆୟୁକ୍ତ ଖୁସୱନ୍ତ ସେଠୀ, ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡ଼. ମୃତ୍ୟୁଞ୍ଜୟ ମହାପାତ୍ର, ଦୂରଦର୍ଶନ ମହାନିର୍ଦ୍ଦେଶକ କେ. ସତୀଶ ନମ୍ବୁଦିରିପାଦ, ବିଶିଷ୍ଟ ଚିତ୍ରଶିଳ୍ପୀ ଜତିନ ଦାସ, ବରିଷ୍ଠ



ଗଣମାଧ୍ୟମ ବ୍ୟକ୍ତିତ୍ୱ ରବି ପ୍ରଧାନ ଏବଂ ସିଦ୍ଧାର୍ଥ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ସାଂସ୍କୃତିକ ପରିବେଷଣ ଦର୍ଶକମାନଙ୍କୁ ବିଶେଷ ଭାବେ ମନ ମୁଗ୍ଧ କରିଥିଲା। ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ କବିତା ଦ୍ୱିବେଦୀ କବିସମ୍ରାଟଙ୍କ ଅମର ରଚନା "ମାଳି ମାଳା ଶ୍ୟାମକୁ ଦେବି' ଉପରେ ଏକ ମନୋମୁଗ୍ଧକର ନୃତ୍ୟ ପରିବେଷଣ କରିଥିଲେ। ଏହା ସହିତ ବ୍ରହ୍ମପୁରରୁ ଆସିଥିବା ଲୋକକଳାକାରମାନେ ସଖୀ ନାଚ, ଧୋବା-ଧୋବୁଣୀ ଓ କେଳା-କେଳୁଣୀ ପରି ଲୋକନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ଓଡ଼ିଶାର ଜୀବନ୍ତ ଲୋକସଂସ୍କୃତିର ଝଲକ ପ୍ରଦାନ କରିଥିଲେ। ଉପେନ୍ଦ୍ର ଭଞ୍ଜଙ୍କ ରଚନାକୁ କେବଳ ଓଡ଼ିଶୀ ନୃତ୍ୟରେ ସୀମିତ ନ ରଖି ଲୋକକଳା ସହ ଯୋଡ଼ି ଉପସ୍ଥାପନ କରିବା ଏହି କାର୍ଯ୍ୟକ୍ରମର ଏକ ବିଶେଷ ଆକର୍ଷଣ ଥିଲା। କାର୍ଯ୍ୟକ୍ରମକୁ ଆହୁରି ସମୃଦ୍ଧ କରିଥିଲା ଉତ୍କଳିକା ପକ୍ଷରୁ ଆୟୋଜିତ ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ। ଅତିଥିମାନେ ଓଡ଼ିଶାର ପାରମ୍ପରିକ ବୟନଶିଳ୍ପ, ସୂକ୍ଷ୍ମ କାରୁକାର୍ଯ୍ୟ ଏବଂ ଅନନ୍ୟ ହସ୍ତଶିଳ୍ପ ସମ୍ପଦକୁ ନିକଟରୁ ଦେଖିବା ଓ ପ୍ରଶଂସା କରିବାର ସୁଯୋଗ ପାଇଥିଲେ । ଏହା ସହିତ ଅତିଥିମାନଙ୍କ ପାଇଁ ପାରମ୍ପରିକ ଓଡ଼ିଆ ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା। ଓଡ଼ିଶାର ସ୍ୱାଦ, ଆତିଥ୍ୟ ଓ ଖାଦ୍ୟ ସଂସ୍କୃତିର ଏହି ପରିଚୟ ଅତିଥିମାନଙ୍କୁ ଏକ ଭିନ୍ନ ଅନୁଭୂତି ପ୍ରଦାନ କରିଥିଲା । ଏହି ଅବସରରେ ଅନ୍ୱେଷା କଳା କେନ୍ଦ୍ରର ସମ୍ପାଦିକା, ସଂଯୋଜିକା ଏବଂ ନିର୍ଦ୍ଦେଶିକା ଅନ୍ୱେଷା ବ୍ରହ୍ମା କହିଥିଲେ, 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କେବଳ ଓଡ଼ିଆ ସାହିତ୍ୟର ନୁହେଁ, ଭାରତୀୟ ସାଂସ୍କୃତିକ ଐତିହ୍ୟର ଏକ ଅମୂଲ୍ୟ ଧରୋହର । ତାଙ୍କ ସୃଷ୍ଟିକୁ ନୂତନ ପିଢ଼ି ପାଖରେ ପହଞ୍ଚାଇବା ଏବଂ ଶାସ୍ତ୍ରୀୟ ତଥା ଲୋକକଳା ମାଧ୍ୟମରେ ତାହାକୁ ନୂତନ ରୂପରେ ଉପସ୍ଥାପନ କରିବା ଆମର ଲକ୍ଷ୍ୟ। 'ସ୍ୱପ୍ନର ଓଡ଼ିଶା, ଭାରତ ସ୍ମୃତିରେ' ମାଧ୍ୟମରେ ଆମେ ଓଡ଼ିଶାର ସାହିତ୍ୟ, ଲୋକକଳା, ହସ୍ତଶିଳ୍ପ ଓ ଖାଦ୍ୟ ପରମ୍ପରାକୁ ଏକାଠି କରି ଜାତୀୟ ସ୍ତରରେ ଉପସ୍ଥାପନ କରିବାର ପ୍ରୟାସ କରିଛୁ। ଆଜିର ଏହି ଅଭୂତପୂର୍ବ ସମର୍ଥନ ଆମକୁ ଆଗାମୀ ଦିନରେ ଆହୁରି ବଡ଼ ପରିସରରେ ଓଡ଼ିଶାର ସଂସ୍କୃତିର ପ୍ରଚାର ପାଇଁ କାମ କରିବାକୁ ପ୍ରେରଣା ଦେଇଛି।" କାର୍ଯ୍ୟକ୍ରମ ଶେଷରେ ଉଷାରାଣୀ ମହାପାତ୍ର ଧନ୍ୟବାଦ ଅର୍ପଣ କରି ସମସ୍ତ ଅତିଥି, କଳାକାର, ସହଯୋଗୀ ଓ ଦର୍ଶକଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ। ସେ କାର୍ଯ୍ୟକ୍ରମର ସଫଳତାରେ ଆନନ୍ଦ ବ୍ୟକ୍ତ କରି କହିଥିଲେ ଯେ ,ଏଭଳି ପ୍ରୟାସ ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ଜାତୀୟ ସ୍ତରରେ ଆହୁରି ସୁଦୃଢ଼ ଭାବରେ ପରିଚିତ କରାଇବ। ସାହିତ୍ୟ, ଲୋକକଳା, ନୃତ୍ୟ, ହସ୍ତତନ୍ତ, ହସ୍ତଶିଳ୍ପ ଓ ଓଡ଼ିଆ ଖାଦ୍ୟ ସଂସ୍କୃତିର ଏହି ଅନନ୍ୟ ସମନ୍ୱୟ ଜାତୀୟ ରାଜଧାନୀରେ ଓଡ଼ିଶାର ଗୌରବମୟ ପରମ୍ପରାକୁ ଏକ ନୂତନ ମଞ୍ଚ ପ୍ରଦାନ କରିଥିଲା ।

## ଓଡ଼ିଶା ଅମେଚ୍ୟୁର୍ ବକ୍ସିଂ ଆସୋସିଏସନ୍

# ରାଜ୍ୟ ଅଣ୍ଡର ୧୫ ସବ୍ ଜୁନିଅର ବାଳକ ଓ ବାଳିକା ବକ୍ସିଂ ଦଳର ଜଳନ୍ଧର ଅଭିମୁଖେ ଯାତ୍ରା

**ବ୍ରହ୍ମପୁର,୨୦।୬ :** ଚଳିତ ଜୁନ୍ ମାସ ୨୨ ତାରିଖ ଠାରୁ ୨୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୫ମ ଅଣ୍ଡର ୧୫ ସବ୍ ଜୁନିଅର ବାଳକ ଓ ବାଳିକା ଜାତୀୟ ବକ୍ସିଂ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଓଡ଼ିଶା ରାଜ୍ୟର ୨୬ ( ବାଳକ ୧୨ ଜଣ, ବାଳିକା ୯ ଜଣ ଓ କୋଚ୍ ମ୍ୟାନେଜର ୩ଜଣ ରେଫରୀ ଜଜ୍ ୧ ଜଣ ଏବଂ ଉଞ୍ଜଉ ୧ ଜଣ )ଜଣିଆ ବକ୍ସିଂ ଦଳ ପଞ୍ଜାବ ରାଜ୍ୟର ଜଳନ୍ଧର ସହର ଅଭିମୁଖେ ଯାତ୍ରା କରିଛନ୍ତି ବୋଲି ରାଜ୍ୟ ବକ୍ସିଂ ସଂଘର ସମ୍ପାଦକ ଅନିଲ ବୋହିଦାର ଜଣାଇଛନ୍ତି । ଏହି ପ୍ରତିଯୋଗିତା ପଞ୍ଜାବ ରାଜ୍ୟର ଜଳନ୍ଧର ସହର ସ୍ଥିତ ଲଭ୍ଲି ପ୍ରଫେସନାଲ ୟୁନିଭରସିଟି ଠାରେ ବକ୍ସିଂ ଫେଡରେସନ ଅଫ ଇଣ୍ଡିଆ ଓ ପଞ୍ଜାବ ଅମେଚ୍ୟୁର ବକ୍ସିଂ ଆସୋସିଏସନ୍ ର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ରେ ସମସ୍ତ ରାଜ୍ୟ ସମେତ ସମସ୍ତ ୟୁନିଟ୍ ଯୋଗ ଦେବେ। ଓଡ଼ିଶା ରାଜ୍ୟର ଅଣ୍ଡର ୧୫ ବାଳକ ବକ୍ସର ମାନେ ହେଲେ ୧. ପ୍ରିନ୍ସ ନାୟକ ୨. କିରଣ କୁମାର ବାରିକ ୩.ଚନ୍ଦ୍ର ଶେଖର ବେହେରା ୪. ବିମଳ ପ୍ରଧାନ ୫. ସଂଗ୍ରାମ ପ୍ରଧାନ ୬. ସୁକାନ୍ତ ବେହେରା ୭. ସୁମିତ୍ ବେହେରା ୮. ଆଲୋକ କୁମାର ସିଂ ୯. ଅସୀମ ନାୟକ ୧୦. ମଳୟ ସ୍ୱାଇଁ ୧୧. ସୌର୍ଯ୍ୟଜୀତ ଦାଶ ୧୨. ଗଗନ ବେଣିଆ ତଥା ବାଳିକା ବକ୍ସର ମାନେ ହେଲେ ୧. ଣ ତମନ୍ନା ୨. ଅନୁଷ୍କା ନାୟକ ୩. ଆସ୍ଥା କିରଣ ଭାରତୀ ୪. ପ୍ରଜ୍ଞା ମହାରଣା ୫. ମିକି ବେହେରା ୬. ରୋଜାଲିନ ବିଶ୍ୱାଳ ୭. ଦୋର୍ଥି ପୋରି ବେହେରା ୮. ଶୁଭଶ୍ରୀ ବେହେରା ୮. ସ୍ନେହା ରାଣୀ ଗୌଡ଼ ଏବଂ କୋଚ୍ ମ୍ୟାନେଜର ଭାବେ ରାଜେଶ ତିର୍କୀ, ଶ୍ୟାମା ମୁଖୀ, ବୁଲୁ ପାତ୍ର , ରୂପକ ପ୍ରସାଦ , ଜ କ ବେନିଆ ଓ ଆନ୍ତର୍ଜାତୀୟ ବକ୍ସିଂ ଜଜ ଓ ରେଫରି ଶିଶିର କୁମାର ପାଣିଗ୍ରାହୀ ଓ ଓଡ଼ିଶା ଆମେଚ୍ୟୁର ବକ୍ସିଂ ଆସୋସିଏସନ୍ ର ସେକ୍ରେଟାରୀ ଅନିଲ ବୋହିଦାର୍ ଆଦି ଯାତ୍ରା କରିଛନ୍ତି। ଏହି ଦଳ ଭଲ ଖେଳ ପ୍ରଦର୍ଶନ କରିବେ ବୋଲି ଆଶିର୍ବାଦ ବେହେରା, ଅଭିଜିତ ପାଲ, ସଞ୍ଜୟ ବେହେରା, ଅଶୋକ କୁମାର ସାହୁ, ରାଜ୍ଯ ବକ୍ସିଂ ସଭାପତି ରଘୁନନ୍ଦନ ପାଢୀ, ଶ୍ରୀ ରବିଶଙ୍କର ପ୍ରତିହାରି, ଧିରେନ୍ ପଲାଇ, ପ୍ରଭାତ ଭୋଳ,କେ ପ୍ରଭାକର ରାଓ, ଅଞ୍ଜନ ଦାସ, ବିଜୟ ଦାସ, ବାବୁ ପାତ୍ର, ଶିବରାମ ପାତ୍ର, ଏସ କେ ନାୟକ, ମମତା ପଣ୍ଡାଙ୍କ ସମେତ ବହୁ ବକ୍ସର ଓ କ୍ରୀଡାବିତ ଆଶାପ୍ରକଟ କରିଛନ୍ତି।

## ଟାଏକୋଣ୍ଡୋରେ କୁନି ପ୍ରତିଭା ଆୟେଶାଙ୍କ ଚମକ

# ସ୍ୱର୍ଣ୍ଣ ଓ ରୋପ୍ୟ ପଦକ ଜିତି ଆଣିଲେ ଗୌରବ

**ପୁରୁଷୋତ୍ତମପୁର,୨୦।୬ :** ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ଟାଏକୋଣ୍ଡୋ ଏକାଡେମିର ପ୍ରତିଭାବାନ ଛାତ୍ରୀ ଆୟେଶା ବେହେରା ନିଜର ଅସାଧାରଣ କ୍ରୀଡ଼ା ଦକ୍ଷତା ଦ୍ୱାରା ଟାଏକୋଣ୍ଡୋ ପ୍ରତିଯୋଗିତାରେ ସଫଳତା ହାସଲ କରି ପୁରୁଷୋତ୍ତମପୁର ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। କମ୍ ବୟସରେ ତାଙ୍କ ଏହି ଉଲ୍ଲେଖନୀୟ କୃତିତ୍ୱ ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। କଟକର ଜବାହାରଲାଲ ନେହରୁ ଇଣ୍ଡୋର ଷ୍ଟାଡିଅମ ଠାରେ ଗତ ୧୬ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ଏହି ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୬୦୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କଠିନ ପ୍ରତିସ୍ପର୍ଧା ମଧ୍ୟରେ ମାତ୍ର ୧୩



ବର୍ଷର ଆୟେଶା ନିଜର ଶୃଙ୍ଖଳାବଦ୍ଧ ଅଭ୍ୟାସ, କଠିନ ପରିଶ୍ରମ ଓ ଦୃଢ଼ ମନୋବଳର ପରିଚୟ ଦେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରତିଯୋଗିତାର ଟ-୩୩ କେଜି କ୍ୟୁରୋଗୀ ବିଭାଗରେ ସେ ଅପୂର୍ବ ପ୍ରଦର୍ଶନ କରି ସ୍ୱର୍ଣ ପଦକ ଜିତିଥିବା ବେଳେ ପୂମସେ ବିଭାଗରେ ରୋପ୍ୟ ପଦକ ଅର୍ଜନ କରି ଦୁଇଟି ପଦକ ସହ ଘରକୁ ଫେରିଛନ୍ତି। ଏହି ଉପଲବ୍ଧି ତାଙ୍କର ଦୀର୍ଘଦିନର ପରିଶ୍ରମ ଓ ସମର୍ପଣର ଫଳ ବୋଲି କୁହାଯାଉଛି। ଆୟେଶାଙ୍କ ଏହି ସଫଳତା ପଛରେ ତାଙ୍କ ବାପା ଭଗବାନ ବେହେରା, ମା' ଲକ୍ଷ୍ମୀ ବେହେରା ଓ କ୍ରୀଡ଼ା ପ୍ରଶିକ୍ଷକ ଇ. ଲଳିତ କୁମାରଙ୍କ ଅକ୍ଲାନ୍ତ ପ୍ରେରଣା ଓ ସହଯୋଗ ରହିଛି। ତାଙ୍କ ସଫଳତାର ଖବର ପ୍ରଚାର ପାଇବା ପରେ ପରିବାର, ଶିକ୍ଷକ, ସହପାଠୀ ଓ ସମଗ୍ର ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ସ୍ଥାନୀୟ ବୁଦ୍ଧିଜୀବୀ, କ୍ରୀଡ଼ାପ୍ରେମୀ ଓ ବିଭିନ୍ନ ସଂଗଠନ ଆୟେଶାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେମାନେ ଆଶା ପ୍ରକାଶ କରିଛନ୍ତି ଯେ, ଆୟେଶା ଭବିଷ୍ୟତରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଆହୁରି ବଡ଼ ସଫଳତା ଅର୍ଜନ କରି ପୁରୁଷୋତ୍ତମପୁର, ଗଞ୍ଜାମ ଓ ଓଡ଼ିଶାର ନାମକୁ ଆହୁରି ଉଜ୍ଜ୍ୱଳ କରିବେ।

### ନିଟ୍-ୟୁଜି ପରୀକ୍ଷା ପାଇଁ ବାଲେଶ୍ୱର ପ୍ରଶାସନ ପ୍ରସ୍ତୁତ

# ୧୦ଟି କେନ୍ଦ୍ରରେ କଡ଼ା ସୁରକ୍ଷା ଓ ସମସ୍ତ ବ୍ୟବସ୍ଥା ସମ୍ପୂର୍ଣ୍ଣ

**ବାଲେଶ୍ୱର,୨୦।୬ :** ଆସନ୍ତା ୨୧ ଜୁନରେ ଅନୁଷ୍ଠିତ ହେବାକୁ ଥିବା ନିଟ୍-ୟୁଜ ୨୦୨୬ ପ୍ରବେଶିକା ପରୀକ୍ଷାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ କରାଯାଇଛି। ଜିଲ୍ଲାର ୧୦ଟି ପରୀକ୍ଷା କେନ୍ଦ୍ରରେ ସୁରକ୍ଷା ଓ ଆନୁଷ୍ଠାନିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକରେ ସମସ୍ତ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଏବଂ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ପ୍ରତ୍ୟେକ କେନ୍ଦ୍ର ପାଇଁ ଜଣେ ଲେଖାଏଁ ନୋଡାଲ ଅଫିସର ନିଯୁକ୍ତ ହୋଇଥିବାବେଳେ ବରିଷ୍ଠ ଅଧିକାରୀମାନେ କେନ୍ଦ୍ରଗୁଡ଼ିକର ନିୟମିତ ପରିଦର୍ଶନ କରି ବ୍ୟବସ୍ଥାର ସମୀକ୍ଷା କରୁଛନ୍ତି। ପରୀକ୍ଷା



କେନ୍ଦ୍ରଗୁଡ଼ିକରେ CCTV କ୍ୟାମେରା, ମେଟାଲ ଡିଟେକ୍ଟର, ବସିବାର ବ୍ୟବସ୍ଥା, ବିଦ୍ୟୁତ ଯୋଗାଣ, ପଖା, ପାନୀୟ ଜଳ ଓ ଶୌଚାଳୟ ଭଳି ସମସ୍ତ ମୌଳିକ ସୁବିଧାର ଯାଞ୍ଚ କରାଯାଇଛି। ପରୀକ୍ଷାର୍ଥୀମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହୋଇ ସୁରୁଖୁରୁରେ ପରୀକ୍ଷା ଦେଇପାରିବେ, ସେଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି। ଏହାସହ ରେଳ ଷ୍ଟେସନ, ବସ୍ ଷ୍ଟାଣ୍ଡ ଓ ବିଭିନ୍ନ ବ୍ଲକ ପଏଣ୍ଟରୁ ପରୀକ୍ଷା କେନ୍ଦ୍ରକୁ ଯାତାୟାତ ସୁବିଧା ପାଇଁ ସ୍ୱତନ୍ତ୍ର ବସ୍ ସେବାର ବ୍ୟବସ୍ଥା କରାଯାଇଛି। ଏହାର ସମସ୍ତ ବିବରଣୀ ଜିଲ୍ଲା ପ୍ରଶାସନର ୱେବସାଇଟ୍ ଓ ସୋସିଆଲ ମିଡିଆ ମାଧ୍ୟମରେ ପ୍ରକାଶ କରାଯାଇଛି। ଜିଲ୍ଲାପାଳ ପରୀକ୍ଷାର୍ଥୀ ଓ ଅଭିଭାବକମାନଙ୍କୁ ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ସମସ୍ତ ନିର୍ଦ୍ଦେଶାବଳୀ ପାଳନ କରି ନିର୍ଦ୍ଧାରିତ ସମୟର ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ ଅନୁରୋଧ କରିଛନ୍ତି। ପରୀକ୍ଷା ଦିନ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ (ADM) ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ସମଗ୍ର ବ୍ୟବସ୍ଥାର ତଦାରଖ କରିବେ।ଏହି କପିଟି ସମ୍ବାଦପତ୍ରରେ ପ୍ରକାଶଯୋଗ୍ୟ ଶୈଳୀରେ ସମ୍ପାଦନା କରାଯାଇଛି।

# ଆର-ଏଣ୍ଡ-ବି ନିର୍ବାହୀ ଯନ୍ତ୍ରୀ ଗିରଫ ପରେ ଏବେ ସ୍କାନରରେ 'ପ୍ରଭାବଶାଳୀ' ଜେଇ ତନଭିର ଆଲମ

### ୧୩ ବର୍ଷ ଧରି ଗାଦି ମାଡ଼ି ବସିବା ପଛର ରହସ୍ୟ କଣ ?

**ଭବାନୀପାଟଣା,୨୦।୬ :** କଳାହାଣ୍ଡି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ,, ଭବାନୀପାଟଣାରେ ଜଣେ ସରକାରୀ ବାବୁଙ୍କ ଦୀର୍ଘ ଦିନର ସାମ୍ରାଜ୍ୟକୁ ନେଇ ଏବେ ଜିଲ୍ଲା ସାରା ଚର୍ଚ୍ଚା ଜୋର ଧରିଛି। ସେ ହେଉଛନ୍ତି ସେଠାକାର ପ୍ରଭାବଶାଳୀ କନିଷ୍ଠ ଯନ୍ତ୍ରୀ (ଜେଇ)ତନଭିର ଆଲମ। ସାଧାରଣତଃ ସରକାରୀ ନିୟମ ଅନୁଯାୟୀ ୩ ବର୍ଷରେ ବଦଳି ହେଉଥିବା ବେଳେ, ତନଭିର ଆଲମ କେଉଁ ଅଦୃଶ୍ୟ ଶକ୍ତି ବଳରେ ଦୀର୍ଘ ୧୩ ବର୍ଷ ଧରି ଗୋଟିଏ ସ୍ଥାନରେ ଗାଦି ମାଡ଼ି ବସିଛନ୍ତି, ତାହା ଏବେ ସବୁଠୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବର ଗିରଫପରେ ବଢ଼ିଲା ଆଶଙ୍କା। ଏହି ଚର୍ଚ୍ଚା ସେତିକିବେଳେ ତେଜିଛି, ଯେତେବେଳେ ଭବାନୀପାଟଣା ଆର-ଏଣ୍ଡ-ବି ଡିଭିଜନର ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବରଙ୍କୁ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ଗିରଫ କରିଥିଲା । ଗତ କିଛି ଦିନ ମଧ୍ୟରେ ଭିଜିଲାନ୍ସ ପକ୍ଷରୁ ଚାଲିଥିବା ମାରାଥନ ଚଢ଼ାଉ ପରେ ଶବରଙ୍କ ପାଖରୁ ଅମାପ ସମ୍ପତ୍ତି ଠାବ ହୋଇଛି, ଯାହା ସାରା ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି। ନିର୍ବାହୀ ଯନ୍ତ୍ରୀଙ୍କ ଗିରଫଦାରୀ ପରେ ଏବେ ଗ୍ରାମ୍ୟ ନିର୍ମାଣ ବିଭାଗର ଜେଇ ତନଭିର ଆଲମଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ ହେବା ଆରମ୍ଭ ହୋଇଛି। ବିଦେଶରେ ସଞ୍ଚିତ ହେଉଛି କି କଳା ଟଙ୍କା ? କଳାହାଣ୍ଡି ବାସୀଙ୍କ ପକ୍ଷରୁ ଏକ ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଜେଇ ତନଭିର ଆଲମଙ୍କର ଏହି ଦୀର୍ଘ ୧୩ ବର୍ଷର ରହସ୍ୟଜନକ ରହଣି ପଛରେ ବଡ଼ ଧରଣର ପିସି କାରବାର ଏବଂ ମହାଦୁର୍ନୀତି ଲୁଚି ରହିଛି। ଅଭିଯୋଗ ହେଉଛି ଯେ, ବିଭିନ୍ନ ନିର୍ମାଣ କାର୍ଯ୍ୟରୁ ଆସୁଥିବା କୋଟି କୋଟି ଟଙ୍କାର କଳାଧନକୁ ବେଆଇନ ଭାବେ ବିଦେଶରେ ସଞ୍ଚିତ କରାଯାଉଛି। ବର୍ତ୍ତମାନ କଳାହାଣ୍ଡି ବାସୀଙ୍କ ପ୍ରଶ୍ନ: 'ଜଣେ ସାଧାରଣ ଜେଇ କେମିତି ଏତେ ପ୍ରଭାବଶାଳୀ ଯେ ତାଙ୍କୁ ୧୩ ବର୍ଷ ହେଲା କେହି ଏଠାରୁ ହଲାଇ ପାରୁନାହାନ୍ତି ନିର୍ବାହୀ ଯନ୍ତ୍ରୀଙ୍କ ଭଳି ତନଭିର ଆଲମଙ୍କ ସମ୍ପତ୍ତିର ମଧ୍ୟ ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତ ହେବା ଦରକାର। 'ତଦନ୍ତ ପରିସରଭୁକ୍ତ ହେବେ କି ପ୍ରଭାବଶାଳୀ ବାବୁ? ଜିଲ୍ଲାର ବୁଦ୍ଧିଜୀବୀ ମହଲରେ ଏବେ ଦାବି ହେଉଛି ଯେ, କେବଳ ଆର-ଏଣ୍ଡ-ବି ନୁହେଁ, ବରଂ ଗ୍ରାମ୍ୟ ଉନ୍ନୟନ ବିଭାଗ, ଏହି ପ୍ରଭାବଶାଳୀ କର୍ମଚାରୀଙ୍କ ଉପରେ ମଧ୍ୟ ଭିଜିଲାନ୍ସ ଜାଲ ବିଛାଯାଉ। ତନଭିର ଆଲମଙ୍କ କାର୍ଯ୍ୟକାଳ ମଧ୍ୟରେ ହୋଇଥିବା ସମସ୍ତ ନିର୍ମାଣ କାର୍ଯ୍ୟ, ତାଙ୍କର ଏବଂ ତାଙ୍କ ପରିବାରର ସମ୍ପତ୍ତିର ତାଲିକା ଏବଂ ବିଦେଶୀ କାରବାରର ସତ୍ୟାସତ୍ୟ ଅନୁସନ୍ଧାନ କରାଗଲେ ଆଉ ଏକ ବଡ଼ ଦୁର୍ନୀତିର ପେଡ଼ି ଖୋଲିବ ବୋଲି ଆଶା କରାଯାଉଛି। ଏବେ ଦେଖିବାକୁ ବାକି ରହିଲା, ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବରଙ୍କ ଗିରଫଦାରୀ ପରେ ଭିଜିଲାନ୍ସ ବିଭାଗ ତନଭିର ଆଲମଙ୍କ ଏହି ୧୩ ବର୍ଷର 'ଗାଦି' ଉପରେ ଚଢ଼ାଉ କରୁଛି କି ନାହିଁ।

# ଅଢେଇ ଫୁଟିଆ ଧୋବ ଚିତି ଉଦ୍ଧାର



**ରୂପସା,୨୦।୬ :** କସିପଦା ପଂଚାୟତ ଅନ୍ତର୍ଗତ ତାହାରପୁର ଗ୍ରାମରୁ ଅଢେଇ ଫୁଟିଆ ଧୋବ ଚିତି ସାପଟିଏ ଉଦ୍ଧାର ହୋଇଛି। ସୂଚନା ଅନୁସାରେ ଗ୍ରାମର ତପନ ପଣ୍ଡାଙ୍କ ଘର ନିକଟରେ ଉକ୍ତ ସାପଟି ଥିବାର ଦେଖି ପରିବାର ଲୋକେ ସ୍ନେକ ହେଲ୍ପ ଲାଇନକୁ ଖବର ଦେଇଥିଲେ। ସ୍ନେକ ହେଲ୍ପ ଲାଇନ ସଦସ୍ୟ ସୁବ୍ରତ ପ୍ରଧାନ ଓ ସହଯୋଗୀ ଅରୂପ ବେହେରା ପହଞ୍ଚି ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ମାତ୍ର ସାପଟି ଧୀରେ ଧୀରେ ଗତିଶୀଳ ହେଉଥିବାରୁ ଶ୍ରୀ ବେହେରା ତାକୁ ଜିଲା ମୁଖ୍ୟ ପଶୁ ଚିକିତ୍ସାଳୟରେ ଚିକିତ୍ସା କରାଇ କୌଣସି ଏକ ଜନଶୂନ୍ୟ ସ୍ଥାନରେ ନେଇ ଛାଡ଼ିବେ ବୋଲି କହିଛନ୍ତି।

# 'ବିକାଶର ଧାରା, ଓଡ଼ିଶା ସାରା' ଜନସଚେତନତା

**ବାଲେଶ୍ୱର,୨୦।୬ :** ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ବାଲେଶ୍ୱର ସ୍ଥିତ ଆୟୁଷ୍ମାନ କଲ୍ୟାଣ ମଣ୍ଡପରେ ଶୁକ୍ରବାର ଜିଲ୍ଲାସ୍ତରୀୟ 'ବିକାଶର ଧାରା, ଓଡ଼ିଶା ସାରା' ଜନସଚେତନତା ଓ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବାଲେଶ୍ୱର ଜିଲ୍ଲା ପ୍ରଶାସନର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ବାଲେଶ୍ୱର ସଦର ବ୍ଲକ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି, ସଦର ବିଧାୟକ ମାନସ କୁମାର ଦତ୍ତ ଓ ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଉପଜିଲ୍ଲାପାଳ ଶିବ ମାଲବ୍ୟ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ମହିଳା ସଶକ୍ତିକରଣ, ଗ୍ରାମୀଣ ବିକାଶ ଓ ସାମାଜିକ ସୁରକ୍ଷା ସମ୍ପର୍କିତ ସରକାରୀ ଯୋଜନା ବିଷୟରେ ହିତାଧିକାରୀଙ୍କୁ ସଚେତନ କରାଯାଇଥିଲା। ବିଭିନ୍ନ ଯୋଜନାର ସହାୟତା, ପ୍ରମାଣପତ୍ର ଓ ଅନ୍ୟାନ୍ୟ ସରକାରୀ ସୁବିଧା ମଧ୍ୟ ବଣ୍ଟନ କରାଯାଇଥିଲା। ବିଭିନ୍ନ ବିଭାଗ ପକ୍ଷରୁ ଆୟୋଜିତ ପ୍ରଦର୍ଶନୀରେ ରାଜ୍ୟ ସରକାରଙ୍କ ବିକାଶମୂଳକ ସଫଳତା ଓ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା। ଉପସ୍ଥିତ ଲୋକମାନେ ପ୍ରଦର୍ଶନୀ ପରିଦର୍ଶନ କରି ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ହାସଲ କରିଥିଲେ। ବକ୍ତାମାନେ କହିଥିଲେ, 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ସରକାର ଓ ସାଧାରଣ ଜନତାଙ୍କ ମଧ୍ୟରେ ସେତୁବନ୍ଧନ ସୃଷ୍ଟି କରି ସରକାରୀ ଯୋଜନାର ସୁଫଳ ପ୍ରତ୍ୟେକ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବାରେ ସହାୟକ ହେବ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ହିତାଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ସାଧାରଣ ଲୋକ ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।



### କୋକସରାରେ ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା ସମାବେଶ

# ରୋଜଗାରକ୍ଷମ ହେବାକୁ ଯୁବପିଢ଼ିଙ୍କୁ ଆହ୍ୱାନ

**ଭବାନୀପାଟଣା,୨୦।୬ :** ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଜାରି ରହିଛି। ଏହି କ୍ରମରେ ଶନିବାର ଦିନ କୋକସରା ବ୍ଲକ ସଭାଗୃହଠାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ), ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ 'ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା ସମାବେଶ' ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଯୋଜକ ତ୍ରିଲୋକ୍ୟ ବେଶ୍ରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ତ୍ରିନାଥ ଶବର ମୁଖ୍ୟ ଅତିଥି, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଅଭିନାଶ ନନ୍ଦ ମୁଖ୍ୟ ବକ୍ତା ଏବଂ କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହାସହ ବିଜେପି ମୋଟେର ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା, ଜିଲ୍ଲା ଏମଏସଏମଇ ବିଭାଗୀୟ ଅଧିକାରୀ ଯୁଗଳ କିଶୋର ତାଣ୍ଡି, ଲିଙ୍କ ? ବାଗ ଓ କୋକସରା ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି କ୍ଷୀରସିନ୍ଧୁ ନେଗି ପ୍ରମୁଖ ମଞ୍ଚାସୀନ ଥିଲେ। ଭିଡିଓ ମାଧ୍ୟମରେ ପ୍ରଦର୍ଶିତ ହେଲା ସଫଳତାର କ?ାହାଣୀ କାର୍ଯ୍ୟକ୍ରମ ଅବସରରେ ପୂର୍ବରୁ ସ୍କିଲ୍



ଡେଭଲପମେଣ୍ଟ ତାଲିମ ନେଇ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ ହୋଇପାରିଥିବା ବ୍ଲକର ସଫଳ ଯୁବକ-ଯୁବତୀମାନଙ୍କ ସଫଳତାର ଗାଥାକୁ ନେଇ ଏକ ସ୍ୱତନ୍ତ୍ର ଭିଡିଓ ଚିତ୍ର ପ୍ରଦର୍ଶିତ କରାଯାଇଥିଲା। ଏହା ଉପସ୍ଥିତ ଅନ୍ୟ ଯୁବପିଢ଼ିଙ୍କୁ ବେଶ୍ ପ୍ରେରିତ କରିଥିଲା।

ସମାବେଶରେ ଯୋଗ ଦେଇଥିବା ବିଭିନ୍ନ ପଞ୍ଚାୟତର ଶତାଧିକ ଶିକ୍ଷିତ ବେକାର ଯୁବକ-ଯୁବତୀଙ୍କୁ ଅତିଥିମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଆତ୍ମନିର୍ଭରଶୀଳ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ସରକାରଙ୍କ ଦ୍ୱାରା ପରିଚାଳିତ ସ୍କିଲ୍ ଡେଭଲପମେଣ୍ଟ ଯୋଜନା ରେ ସମ୍ପୂର୍ଣ୍ଣ ମାଗଣାରେ ଦକ୍ଷତା ବିକାଶ ତାଲିମ ନେଇ ନିଜେ ସ୍ୱାବଲମ୍ବୀ ହେବା ସହ ରୋଜଗାରକ୍ଷମ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

ଏହି ସମଗ୍ର କାର୍ଯ୍ୟକ୍ରମକୁ ବୈକୁଣ୍ଠ ଜାଲ ମଞ୍ଚ ସଂଯୋଜନା କରିବାରେ ସହଯୋଗ କରିଥିବା ବେଳେ ଶେଷରେ ବ୍ଲକ ସଂଯୋଜକ ଶ୍ରୀ ବେଶ୍ରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଏକଦିବସୀୟ ପଞ୍ଚାୟତ ବିକାଶ ଯୋଜନା କର୍ମଶାଳା

**ହାଟଡିହି,୨୦।୬ :** ହାଟଡିହି ବ୍ଲକ ରାଜୀବଗାନ୍ଧୀ ସେବା ଗୃହ ରେ ଏକଦିବସୀୟ ପଞ୍ଚାୟତ ବିକାଶ ଯୋଜନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିପିଡିଓ ଦେବଜ୍ୟୋତି ପରଂବ୍ରହ୍ମ ଦାସ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି କର୍ମଶାଳା ରେ ବିଡ଼ିଓ ରଞ୍ଜନ କୁମାର ପରିଡ଼ା,ସିପି ସୁବ୍ରତ କୁମାର ନାୟକ, ବିଏଲସି ଅର୍ ଜି ଏସ ଏ ଦୀପକ କୁମାର ବାରିକ୍, ଡିପିଏମ୍ ଆର୍ ଜି ଏସ ଏ ରଶ୍ମି ରଞ୍ଜନ ଦାସ, ଡି ଏସ ସି ସୁଭାଶିଷ ମଲ୍ଲିକ,ବି ଆର୍ ସି କାର୍ତ୍ତିକ ଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ।ଏକଦିବସୀୟ ପଞ୍ଚାୟତ ବିକାଶ ଯୋଜନା କର୍ମଶାଳା ମାଧ୍ୟମରେ ସ୍ଥାନୀୟ ଜନ ପ୍ରତିନିଧି ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଗ୍ରାମାଞ୍ଚଳର ସାମଗ୍ରିକ ବିକାଶ ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା।ଏହା ସଠିକ୍ ଯୋଜନା ପ୍ରସ୍ତୁତ ଏବଂ ପାଣ୍ଠି ର ସଠିକ୍ ବିନିଯୋଗ ରେ ସହାୟକ ହୋଇଥାଏ।ଗ୍ରାମର ପ୍ରକୃତ ଆବଶ୍ୟକତା କୁ ଆଧାର କରି ବିକାଶ ଯୋଜନା ପ୍ରସ୍ତୁତ କରିବା ସହ ସମସ୍ତ ଯୋଜନା ଗୁଡ଼ିକ ଗ୍ରାମାଞ୍ଚଳ ରେ ସଂଯୋଜନା କରିବା ପାଇଁ କର୍ମଶାଳା ରେ ଆଲୋଚନା କରାଯାଇଥିଲା।ଏହି କର୍ମଶାଳା ରେ ସମସ୍ତ ଜନପ୍ରତିନିଧି ଓ ଅଧିକାରୀ ମାନେ ଉପସ୍ଥିତ ଥିଲେ।



# ଅର୍ନ୍ତରାଷ୍ଟ୍ରୀୟ ବିମାନ ବନ୍ଦର ପ୍ରତିଷ୍ଠା ଦାବିରେ ବିରାଟ ଗଣଆନ୍ଦୋଳନ

**ବ୍ରହ୍ମପୁର,୨୦।୬ :** ରଙ୍ଗେଇଲୁଣ୍ଡା ବିମାନବନ୍ଦର କାମକୁ ଶୀଘ୍ର ସମାପ୍ତ କରିବା ସହ ବ୍ରହ୍ମପୁରରେ ପୂର୍ଣ୍ଣାଙ୍ଗ ଗ୍ରୀନଫିଲ୍ଡ ଅର୍ନ୍ତରାଷ୍ଟ୍ରୀୟ ବିମାନବନ୍ଦର ସ୍ଥାପନ ଦାବିରେ ପୁଣିଥରେ ବିରାଟ ଆନ୍ଦୋଳନ ଅନୁଷ୍ଠିତ ହୋଇ ଯାଇଛି। ଆଜି ଓଡ଼ିଶା ଡେଭଲପମେଣ୍ଟ ଫୋରମ୍ ଓ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଗଣସଂଗଠନ ପକ୍ଷରୁ ସ୍ଥାନୀୟ ରୁକ୍ମିଣୀ ସିନେମା ହଲ ଠାରୁ ରାମଲିଙ୍ଗମ୍ ପାର୍କ, ଅର୍ବାନ ବ୍ୟାଙ୍କ ରୋଡ, ଫାୟାର ଷ୍ଟେସନ ଦେଇ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଥିଲା। ପରେ ଆୟୋଜିତ ସଭାରେ ଏହି ଦାବିକୁ ତୀବ୍ର ଭାବେ ଉଠାଯାଇଥିଲା। ଏହି ଅବସରରେ ଫୋରମ୍ କାର୍ଯ୍ୟକର୍ତ୍ତାମାନେ ବିଭିନ୍ନ ଛକରେ ପଥପ୍ରାନ୍ତ ସଭା କରି ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ସୂଚନାଯୋଗ୍ୟ, ଓଡ଼ିଶା ଡେଭଲପମେଣ୍ଟ ଫୋରମ୍ ପକ୍ଷରୁ ପୂର୍ବରୁ ଦକ୍ଷିଣାଞ୍ଚଳ ଆରଡିସି, ଗଞ୍ଜାମ ଜିଲ୍ଲାପାଳ, ବ୍ରହ୍ମପୁର ଉପଜିଲ୍ଲାପାଳ ଓ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟରଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ୟ ରଙ୍ଗେଇଲୁଣ୍ଡା ବିମାନବନ୍ଦର କାମରେ ଆଶାଜନକ ପ୍ରଗତି ଦେଖିବାକୁ ମିଳୁନାହିଁ। ସ୍ଥାନୀୟ ବିଡିଓଙ୍କ ଅବହେଳା ଓ ଅସହଯୋଗ କାରଣରୁ ବିମାନବନ୍ଦର ଅଞ୍ଚଳରେ ଥିବା ୨୦ଟି ପରିବାରକୁ ଦୁଇ ବର୍ଷ ହେଉଥିଲେ ମଧ୍ୟ ସ୍ଥାନାନ୍ତର କରାଯାଇପାରିନାହିଁ। ଫୋରମ୍ ଅଭିଯୋଗ କରିଛି ଯେ, ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଅଧିକାରୀ ଙ୍କ ଘୋର ଅବହେଳା କାରଣରୁ ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର ବ୍ରହ୍ମପୁରରେ ପୂର୍ଣ୍ଣାଙ୍ଗ ବିମାନବନ୍ଦରର ସ୍ୱପ୍ନ ଏପର୍ଯ୍ୟନ୍ତ ସାକାର ହୋଇପାରୁନାହିଁ। ଗତ ବର୍ଷ ଦକ୍ଷିଣାଞ୍ଚଳ ଆ ?ଡିସିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମୀକ୍ଷା ବୈଠକରେ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ରନୱେ ସମ୍ପ୍ରସାରଣ, ବିମାନବନ୍ଦର ଅଞ୍ଚଳର ଘର ସ୍ଥାନାନ୍ତର, ଆଲୋକୀକରଣ ଓ ଏଟିସି ଟାୱାର ନିର୍ମାଣ ଭଳି ଅନେକ କାର୍ଯ୍ୟ ୨୦୨୪ ଡିସେମ୍ବର ସୁଦ୍ଧା ସାରିବା ପାଇଁ କୁହାଯାଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ। ଗତ କିଛି ଦିନ ତଳେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରଙ୍ଗେଇଲୁଣ୍ଡା ବିମାନବନ୍ଦର କାମ କୁ ପରିଦର୍ଶନ କରିଥିଲେ ମଧ୍ୟ କାମ ସାରିବାକୁ କୌଣସି ସ୍ପଷ୍ଟ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ ଦେଇ ନଥିଲେ କିମ୍ବା ଆନ୍ଧ୍ର ପ୍ରଦେଶ ସରକାର ବ୍ରହ୍ମପୁର ପାଖରେ ଯେଉଁ ବିରାଟ ବିମାନ ବନ୍ଦର ପ୍ରତିଷ୍ଠା କରୁଛି ସେହି ସମ୍ବନ୍ଧରେ ଓଡ଼ିଶା ସରକାରଙ୍କ କି ଷ୍ଟାଣ୍ଡ ରହିଛି ତାହା ସ୍ପଷ୍ଟ କରିନଥିଲେ।

### ପ୍ରଭାତ ହତ୍ୟାକାଣ୍ଡର ପର୍ଦ୍ଦାଫାଶ

# ଦୁଇ ଅଭିଯୁକ୍ତ ଗିରଫ, ଦୁଇ ଫେରାର

## ପୁରୁଣା ଶତ୍ରୁତାରୁ ଘଟିଲା ନୃଶଂସ ହତ୍ୟା

**ଫୁଲନଖରା,୨୦।୬ :** ରାଜଧାନୀ ଉପକଣ୍ଠ ଫୁଲନଖରା ଅଞ୍ଚଳରେ ଘଟିଥିବା ବହୁଚର୍ଚ୍ଚିତ ଯୁବକ ପ୍ରଭାତ କୁମାର ବେହେରା ଓରଫ ଜଗା ହତ୍ୟା ଘଟଣାର ରହସ୍ୟ ଉପରୁ ପର୍ଦ୍ଦା ଉଠାଇଛି କମିଶନରେଟ ପୋଲିସ। ଘଟଣାର ମାତ୍ର ଚାରି ଦିନ ମଧ୍ୟରେ ପୋଲିସ ଚମକପ୍ରଦ ଭାବେ ମାମଲାର ତଦନ୍ତ କରି ଦୁଇ ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ କାବୁ କରିଥିବା ବେଳେ ଅନ୍ୟ ଦୁଇ ଜଣ ଅଭିଯୁକ୍ତ ଏବେ ମଧ୍ୟ ଫେରାର ରହିଛନ୍ତି। ପୋଲିସ ସେମାନଙ୍କୁ ଧରିବା ପାଇଁ ଜୋରଦାର ଚଢ଼ାଉ ଜାରି ରଖିଛି। ପାହାଳ ଥାନା ଅନ୍ତର୍ଗତ ଅନନ୍ତପୁର ଗ୍ରାମର ବିଷ୍ଣୁ ଚରଣ ବେହେରା ନିଜ ପୁଅ ପ୍ରଭାତଙ୍କ ହତ୍ୟା ନେଇ ପାହାଳ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପାହାଳ ଥାନାରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ କମିଶନରେଟ ପୋଲିସ ସିସିଟିଭି ଫୁଟେଜ, ମୋବାଇଲର ବୈଷୟିକ ତଥ୍ୟ, ଗୁପ୍ତ ସୂଚନା ଓ ବିଭିନ୍ନ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଘଟଣାର ଖୋଳତାଡ଼ କରିଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ, ଘଟଣାର ପଛରେ ରହିଥିଲା ପୁରୁଣା ବିବାଦ ଓ ଶତ୍ରୁତା। ଗତ ୧୬ ତାରିଖ ରାତି ପ୍ରାୟ ୧୧ଟା ୩୦ ମିନିଟ ସମୟରେ ପ୍ରଭାତ ଓ ତାଙ୍କ ସାଙ୍ଗ କୁନୁ ଭୋଇ ଅନନ୍ତପୁର ମଦ ଦୋକାନକୁ ଯାଇଥିଲେ। ସେଠାରେ ସେମାନଙ୍କର ପୂର୍ବରୁ ପରିଚିତ ଚାରି ଯୁବକଙ୍କ ସହ ସାକ୍ଷାତ ହୋଇଥିଲା। ପରେ ସମସ୍ତେ ସିନର୍ଜି କଲେଜ ନିକଟରେ ନିର୍ମିତ ନୂତନ ସେତୁ ନିକଟକୁ ଯାଇ ଏକାଠି ମଦ୍ୟପାନ କରିଥିଲେ। ପୋଲିସ କହିବା ଅନୁଯାୟୀ, ପ୍ରାୟ ୧୦ରୁ ୧୫ ଦିନ ପୂର୍ବରୁ ସେହି ମଦ ଦୋକାନରେ ହୋଇଥିବା ଏକ ଝଗଡ଼ାକୁ କେନ୍ଦ୍ର କରି ଅଭିଯୁକ୍ତମାନଙ୍କ ମନରେ ପ୍ରଭାତଙ୍କ ପ୍ରତି ଆକ୍ରୋଶ ରହିଥିଲା। ରାତି ପ୍ରାୟ ୧ଟା ସମୟରେ ଏକ ଭିଡିଓ କଲକୁ ନେଇ ପୁଣି ବଚସା ଆରମ୍ଭ ହୋଇଥିଲା। ଏହାପରେ ଅଭିଯୁକ୍ତମାନେ ପ୍ରଭାତଙ୍କ ଉପରେ ଆକ୍ରମଣ କରିଥିଲେ। ପ୍ରଥମେ ଏକ ବିୟର ବୋତଲରେ ତାଙ୍କ ମୁଣ୍ଡକୁ ଜୋରଦାର ଆଘାତ କରାଯାଇଥିଲା ଏବଂ ପରେ ଚାରି ଜଣ ମିଶି ମାଡ଼ ମାରିଥିବା ତଦନ୍ତରୁ ସାମ୍ନାକୁ ଆସିଛି। ଫଳରେ ଘଟଣାସ୍ଥଳରେ ହିଁ ପ୍ରଭାତଙ୍କ ମୃତ୍ୟୁ ଘଟିଥିଲା।



ଘଟଣା ପରେ ଅଭିଯୁକ୍ତମାନେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ମୃତକଙ୍କ ମୋବାଇଲ ଫୋନକୁ ଭାଙ୍ଗି ଦେଇଥିବା ବେଳେ ପୁରୀ ଅଭିମୁଖେ ପଳାଇ ଯାଇଥିଲେ। ସେଠାରେ ସମୁଦ୍ର କୂଳରେ ରାତି କାଟିବା ପରେ ନିଜ ନିଜ ମୋବାଇଲ ଫୋନ ବନ୍ଦ କରି ବିଭିନ୍ନ ସ୍ଥାନରେ ଲୁଚି ରହିଥିଲେ। ପୋଲିସ ନାଗାବଳି ଅଞ୍ଚଳର ଆଦିତ୍ୟ ନାରାୟଣ ନାୟକ ଓରଫ ଆଦି (୨୧) ଏବଂ ନଛିପୁର ଅଞ୍ଚଳର ବିଶ୍ୱଜିତ ବେହେରା ଓରଫ ଜିତ (୨୧)ଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଏକ ହୋଣ୍ଡା ଏସପି ମୋଟରସାଇକେଲ, ଏକ ବୁଲେଟ ମୋଟରସାଇକେଲ, ମୋବାଇଲ ଫୋନ, ପୋଷାକ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସାକ୍ଷ୍ୟ ଜବତ କରାଯାଇଛି। ଅନ୍ୟ ଦୁଇ ଅଭିଯୁକ୍ତ ରାଜା ଓରଫ ବିଶ୍ୱରଞ୍ଜନ ସାହୁ ଏବଂ ଲୋକନାଥ ବାରିକ ଫେରାର ଥିବା ବେଳେ ସେମାନଙ୍କୁ ଗିରଫ କରିବା ପାଇଁ ପୋଲିସର ସ୍ୱତନ୍ତ୍ର ଟିମ୍ ଚଢ଼ାଉ ଜାରି ରଖିଛି। ଏହାସହ ଅଭିଯୁକ୍ତମାନଙ୍କ ପୂର୍ବ ଅପରାଧିକ ରେକର୍ଡର ଯାଞ୍ଚ ମଧ୍ୟ ଚାଲିଥିବା ସୂଚନା ମିଳିଛି। ଏହି ହତ୍ୟାକାଣ୍ଡର ପ୍ରକୃତ କାରଣ ଓ ଅନ୍ୟାନ୍ୟ ଦିଗକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati